## ସଂକ୍ଷେପରେ

### ଘରଛାଡ଼ି ପଳାଇ ଆସିଥିବା ନାବାଳକ ଉଦ୍ଧାର

ବାଲେଶ୍ୱର ଅଫିସ,୧୩।୧୧- ବାଲେଶ୍ୱର ଜିଲା ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ୮ ବର୍ଷର ଏହି ନାବାଳକ ସୋମବାର ସନ୍ଧ୍ୟା ସମୟରେ କାନ୍ଦି କାନ୍ଦି ଏକୁଟିଆ ବୁଲୁଥିବା ଦେଖି ବସ୍ତା ବ୍ଲକ ସାମରାଇପୁର ଗ୍ରାମର ପ୍ରତିମା ଦାସ ନାମ୍ନୀ ଜଣେ ମହିଳା ତାଙ୍କୁ ଉଦ୍ଧାର କରି ଘରେ ରଖିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ଚାଇଲ୍ଡ ହେଲ୍ପଲାଇନ୍‌ର ନିଃଶୁଳ୍କ ନମ୍ବର ୧୦୯୮କୁ ଫୋନ୍ କରି ଏବିଷୟ ଜଣାଇଥିଲେ। ବାଲେଶ୍ୱର ଚାଇଲ୍ଡ ହେଲ୍ପ ଲାଇନ୍‌ର ମୁଖ୍ୟ ପ୍ରଶାନ୍ତ ରାଉତ, ସଦସ୍ୟ ଉତ୍ତମ ନାୟକ ସାମରାଇପୁର ଗ୍ରାମରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ବାଲେଶ୍ୱର ଚାଇଲ୍ଡ ହେଲ୍ପ ଲାଇନ୍‌ର ମୁଖ୍ୟ ରାଉତ କହିଛନ୍ତି, ଏହି ନାବାଳକଙ୍କ ମା’ ମରିଗଲା ପରେ ତାଙ୍କ ବାପା ଦ୍ୱିତୀୟ ବିବାହ କରିଛନ୍ତି। ତାଙ୍କୁ ମାରଧର୍ କରାଯିବାରୁ ସେ ଦୁଇଦିନ ହେବ ଘର ଛାଡି ପଳାଇ ଆସିଥିଲା। ଖବରପାଇ ସିଂଲା ଥାନା ଅନ୍ତର୍ଗତ ଶାସନ ଅଞ୍ଚଳର ନାବାଳକଙ୍କ ବାପା ଓ ମା’ ଆସି ଜିଲା ଶିଶୁ ମଙ୍ଗଳ କମିଟିରେ ପହଞ୍ଚିନ୍ତି। ଘଟଣାର ଯାଞ୍ଚ ପରେ ନାବାଳକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଭାଗୀରଥି ବାରିକ, ସଦସ୍ୟ ଗଣେଶ୍ୱର ରାଉତ ଓ ଆଶିଷ ଘୋଷ, ସଦସ୍ୟା ଗୌରୀମଣି ଉପାଧାୟ ପ୍ରମୁଖ ପ୍ରକାଶ କରିଛନ୍ତି।

### ୧୫ରୁ ଚିତ୍ରଶିଳ୍ପୀ କର୍ମଶାଳା ଓ ଶିଶୁ ଉତ୍ସବ

ଜଳେଶ୍ୱର,୧୩।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଆସନ୍ତା ୧୫ତାରିଖଠାରୁ ୧୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ତରଫରୁ ୫ମ ଜାତୀୟ ଚିତ୍ରଶିଳ୍ପୀ କର୍ମଶାଳା ଓ ଶିଶୁ ଉତ୍ସବ- ୨୦୧୯ ଅନୁଷ୍ଠିତ ହେବ । ଏଥିଲାଗି ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ୨୦୧୪ରୁ ପ୍ରତିବର୍ଷ ଏହି ଉତ୍ସବ ଓ ଚିତ୍ରଶିଳ୍ପୀ କର୍ମଶାଳା ଆୟୋଜିତ ହୋଇଆସୁଛି। ଅଞ୍ଚଳର ଶିଶୁ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା ସଙ୍ଗେ ସଙ୍ଗେ ରାଜ୍ୟ ଓ ରାଜ୍ୟ ବାହାରେ କଳାକୁ ପ୍ରସାର ଲକ୍ଷ୍ୟରେ ଏହି ଉତ୍ସବ ଆୟୋଜିତ ହେଉଥିବା ଫାଉଣ୍ଡେଶନର ସମ୍ପାଦକ ମୁକ୍ତିପଦ ନନ୍ଦୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶିଶୁ ଶ୍ରେଣୀଠାରୁ ଯୁକ୍ତ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଥିରେ ଭାଗ ନେବେ। ବରିଷ୍ଠ ଚିତ୍ରଶିଳ୍ପୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ। ଏଥିରେ ୧୮ଜଣ ବିଶିଷ୍ଟ ଚିତ୍ରଶିଳ୍ପୀ ଭାଗ ନେବେ । ବିଦ୍ୟାଳୟର କୁନିକୁନି ପିଲାମାନଙ୍କୁ ନେଇ ଚିତ୍ରାଙ୍କନ ଓ ଝିଅ ପିଲାଙ୍କୁ ନେଇ ଝୋଟି ପ୍ରତିଯୋଗିତା ଆସନ୍ତା ୧୭ତାରିଖରେ ହେବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ସୌମ୍ୟରଞ୍ଜନ ପାତ୍ର, ବିଷ୍ଣୁପଦ ସେନାପତି, ଆଶିଷ ସାହୁ, ସୌମ୍ୟ ସାଗର କାମିଲା, ତପନ ବେହେରା ଓ ସୁବ୍ରତ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଗବତ ପଠନ ଦ୍ୱାରା ନୈତିକତା ଓ ଆଧ୍ୟାତ୍ମିକତା ଫେରି ଆସିବ

ଖଇରା,୧୩।୧୧(ଡି.ଏନ.ଏ.)- ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖାର ଏକ ବୈଠକ ରବିବାର ସ୍ଥାନୀୟ ବ୍ଲକର ଗୋଳିହା ପଞ୍ଚାୟତ ଗୋପାଳ ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ । ଗୌରଚନ୍ଦ୍ର ପାଠୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଗୀତାପାଠ, ବୁଦ୍ଧିରାମ ପାଣିଗ୍ରାହୀ ବେଦପାଠ କରିଥିଲେ। ଭାଗବତ ପଠନ ଦ୍ୱାରା ସମାଜରେ ନୈତିକତା ଓ ଆଧ୍ୟାତ୍ମିକତା ଫେରି ଆସିବ ବୋଲି ବକ୍ତାମାନେ କହିଥିଲେ। ପିତାମ୍ବର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଚନ୍ଦ୍ରକୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଗୌରଚନ୍ଦ୍ର ପାଠୀ ଶାନ୍ତିପାଠ କରିଥିଲେ । ବିଷ୍ଣୁମୋହନ ଶତପଥୀ,ଅନନ୍ତ ଦାଶ, ସନ୍ତୋଷ ମିଶ୍ର, ମାନସ ରଞ୍ଜନ ଦାଶ, କରୁଣାକର ପାଳକ, ରଘୁନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ସହାୟତା ଦାବି ନେଇ ଚାଷୀଙ୍କ ଗଣଧାରଣା


ପୁରୁଷୋତ୍ତମପୁର ଆର୍ଆଇଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଗଣଧାରଣା।

**‘ବୁଲ୍‌ବୁଲ୍’ ବିପର୍ଯ୍ୟୟ**
■୪ଦଫା ଦାବିପତ୍ର ଦେଲେ

ସିମୁଳିଆ,୧୩।୧୧(ଡି.ଏନ.ଏ.)

ବାତ୍ୟା ‘ବୁଲ୍‌ବୁଲ୍’ ପ୍ରଭାବରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ପୁରୁଷୋତ୍ତମପୁର, କାଞ୍ଚପଡ଼ା, ଅଣ୍ଡରାଇ ଓ ଅବର୍ଥୁଣା ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି କ୍ଷୟକ୍ଷତି ତୁରନ୍ତ ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ତେଜିବାରେ ଲାଗିଛି। ବୁଧବାର ଏହି ୪ଟି ପଞ୍ଚାୟତର ଶତାଧିକ ଚାଷୀ ୪ଦଫା ଦାବି ନେଇ ପୁରୁଷୋତ୍ତମପୁରର ରାଜସ୍ୱ ନିରୀକ୍ଷକ (ଆର୍ଆଇ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ‘ବୁଲ୍‌ବୁଲ୍’କ୍ଷୟକ୍ଷତି ଲାଗି ଚାଷୀଙ୍କୁ ସହାୟତା ଦେବା ସକାଶେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଦେଇଥିବା ସୂଚନା ଦେଇଥିଲେ। ୪ ଦଫା ଦାବି ମଧ୍ୟରେ ପ୍ରଭାବିତ ଧାନ ଚାଷର କ୍ଷୟକ୍ଷତିର ଉପଯୁକ୍ତ ତଦନ୍ତ କରାଯାଇ ସହାୟତା ପ୍ରଦାନ କରାଯିବା, କୃଷି ଋଣ ଛାଡ଼, କ୍ଷୁଦ୍ର ଓ ଭୂମିହୀନ ଛାଷୀଙ୍କୁ ସହାୟତା ପ୍ରଦାନ ଓ ବାତ୍ୟାରେ କ୍ଷତିଗ୍ରସ୍ତ ବାସଗୃହର ତଦନ୍ତ କରି ସହାୟତା ପ୍ରଦାନ ଦାବି ରହିଛି। ଏ ସମ୍ପର୍କରେ ପୁରୁଷୋତ୍ତମପୁର ପଞ୍ଚାୟତର ସରପଞ୍ଚ ଦୀପକ ରଞ୍ଜନ ଖିଲାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ‘ବୁଲ୍‌ବୁଲ୍’ ପ୍ରଭାବରେ ଧାନ ଚାଷର ବ୍ୟାପକ କ୍ଷତି ଥିବାରୁ ସରକାରୀସ୍ତରରେ ଏହାର ଠିକ୍ ତଦନ୍ତ କରି ପଦକ୍ଷେପ ନିଆ ନ ଗଲେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଶମ୍ଭୁନାଥ ସେଠୀ, ବୈରାଗୀ ଚରଣ ମଲିକ, ରାମଚନ୍ଦ୍ର ସାହୁ, ଅଭିମନ୍ୟୁ ମହାରଣା, ଅଶୋକ ଗୋଚ୍ଛାୟତ, ନିରଞ୍ଜନ ସାହୁ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ଏହି ଗଣଧାରଣା ସୂଚନା ପାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଆର୍ଆଇ କାର୍ଯ୍ୟାଳୟ ଖୋଲି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ବାତ୍ୟା ପ୍ରଭାବିତ ଚାଷଜମି ବୁଲି ଦେଖିଲେ ଅଧିକାରୀ

ଖଇରା,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଗଣ୍ଡିବେଡର ରାଜସ୍ୱ ନିରୀକ୍ଷିକ ମୀନାରାଣି ଶିଅଳ ଓ ଗ୍ରାମସେବକ ଧନଞ୍ଜୟ ମହାନ୍ତି ବୁଧବାର ଅଚ୍ୟୁତପୁର ଓ ଗୋବିନ୍ଦପୁର ପଞ୍ଚାୟତକୁଆସି ବୁଲ୍‌ବୁଲ୍ ବାତ୍ୟା ପ୍ରଭାବିତ ଧାନକ୍ଷେତ ବୁଲି ଦେଖବବା ସହ କ୍ଷୟକ୍ଷତି ଆକଳନ କରିଥିଲେ। ଅଧିକାରୀଙ୍କ ସହ ଅଚ୍ୟୁତପୁର ସମିତି ସଭ୍ୟା ଅପର୍ଣ୍ଣା ପାତ୍ର, ସରପଞ୍ଚ ମାୟାଧର ଦାସ ପ୍ରମୁଖ ଉପସ୍ଥିତି ଥିଲେ। ଚାଷୀ କାହ୍ନୁଚରଣ ସାହୁ, କମଳାକାନ୍ତ ପାଢୀ, ରତ୍ନାକର ଦାସ, ରଘୁନାଥ ମଣ୍ଡଳ, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସେମାନଙ୍କର ଚାଷ ଜମି ଦେଖାଇ କ୍ଷୟକ୍ଷତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ନଷ୍ଟ ହୋଇଥିବା ଫସଲ କ୍ଷତିର ଭରଣା ସହ ବୀମା ଅର୍ଥ ପ୍ରଦାନ ଓ ଋଣଛାଡ ପାଇଁ ଚାଷୀମାନେ ଦାବୀ କରିଥିଲେ ।


ଅଧିକାରୀମାନେ କ୍ଷେତ୍ର ପରିଦର୍ଶନବେଳେ ଚାଷୀମାନେ କ୍ଷତିଗ୍ରସ୍ତ ଚାଷଜମି ଦେଖାଉଛନ୍ତି।

## କୋର୍ଟର ଦ୍ୱାରସ୍ଥ ହେବେ ପୀଡିତା

ବାଲିଆପାଳ,୧୩।୧୧ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାଠିଆ ସ୍ଥିତ ଏକ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନାର ଶିକାର ହୋଇଥିବା ଶିକ୍ଷୟିତ୍ରୀ ନ୍ୟାୟ ପାଇବାରୁ ବଞ୍ଚିତ ହେବା ଯୋଗୁ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ସ୍ଥାନୀୟ ଡାକବଙ୍ଗଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୀଡିତାଙ୍କ ସ୍ୱାମୀ ଏହା ପ୍ରକାଶ କରିଛନ୍ତି । ସେ କହିଥିଲେ, ଶିକ୍ଷା ବିଭାଗ ପକ୍ଷରୁ ଜଣେ ଅଧିକାରୀଙ୍କ ଦ୍ୱାରା ତଦନ୍ତ ପରେ ଶିକ୍ଷୟିତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇ ନ ଥିବା କୁହାଯାଇଛି। ଅଭିଯୁକ୍ତଙ୍କୁ ଶିକ୍ଷା ବିଭାଗର କ୍ଲିନ ଚିଟ୍ ସେମାନଙ୍କୁ କ୍ଷୁବ୍ଧ କରିଛି। ଘଟଣା ସମ୍ପର୍କରେ ପୀଡିତା ବାଲିଆପାଳ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲେ ମଧ କୌଣସି ପଦକ୍ଷେପ ନେଇନାହିଁ । ଏ ପରିକି ପୀଡିତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ନାହିଁ। ପ୍ରଶାସନିକ ଅଧିକାରୀ ନ୍ୟାୟ ନ ଦେଲେ ପୀଡିତା ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପୀଡିତାଙ୍କ ଦେଢଶ୍ୱର ମଧ ଉପସ୍ଥିତ ଥିଲେ ।

## କୁପାରୀ ଶୂନ୍ୟମଣ୍ଡପରେ ଭକ୍ତଙ୍କ ଭିଡ଼


ଶୂନ୍ୟମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଖଇରା,୧୩।୧୧(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ୍ କୁପାରୀ ପର୍ଯ୍ୟଟନ କ୍ଷେତ୍ରର ଆରାଧ୍ୟ ପୀଠ ଶୂନ୍ୟମଣ୍ଡପରେ ରାହାସ ପୂର୍ଣ୍ଣିମା ଉତ୍ସବ ମଙ୍ଗଳବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମଧୁସାଗରରେ ବୁଡ ପକାଇ ଶୂନ୍ୟମଣ୍ଡପରେ ଲକ୍ଷେ ଦୀପ ଦର୍ଶନ କରିବା ସହ ଶୂନ୍ୟବ୍ରହ୍ମଙ୍କୁ ଆରାଧନା କରିଥିଲେ। ଡା ଉମେଶ ମହାନ୍ତି ଓ ଶୁକଦେବ ପଣ୍ଡାଙ୍କ ଦ୍ୱାରା ଗୀତା ଓ ଭାଗବତ ପାଠ କରାଯାଇଥିଲା। ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ। କୁପାରୀ ହରେକୃଷ୍ଣ ମହାତାବ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, କୁପାରୀ ହାଇସ୍କୁଲର ଜୁନିୟର ରେଡକ୍ରସ, ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ, ଖଇରା ସତ୍ୟସାଇ ସେବା ସଂଗଠନ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର,ବ୍ରହ୍ମାନନ୍ଦ ହସ୍ତଶିଳ୍ପ ଓ ସମାଜ ସେବା ସଂଘ, କୁପାରୀ ଆଦର୍ଶ ଶୂନ୍ୟ ଶିକ୍ଷାମନ୍ଦିରର ଶିକ୍ଷକ ଓ ଛାତ୍ରୀଛାତ୍ର, କାଦବରାଙ୍ଗ ଓ ଜନହିତ ଯୁବକ ସଂଘର ସଦସ୍ୟମାନେ ପାନୀୟ ଜଳ ବଣ୍ଟନ ଓ ଧାଡିରେ ଦର୍ଶନ ବ୍ୟବସ୍ଥା କରିବା ସହ ରକ୍ତଦାନ ଶିବିର ଆଦି ଆୟୋଜନ କରିଥିଲେ। ଖଇରା ପୋଲିସ, ଅଗ୍ନିଶମ ବିଭାଗ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା,ସୋର କୋର୍ଟର ସବ୍‌ଜଜ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଶୂନ୍ୟମଣ୍ଡପ ପରିଦର୍ଶନ କରିଥିଲେ। ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଗୁପ୍ତା, ସମ୍ପାଦକ ଶରତ କୁମାର ବିଶ୍ୱାଳ, ବିଜୟ ମହାପାତ୍ର, ରତ୍ନାକର ସେଣ୍ଠ, ଯୁଧିଷ୍ଠିର ଜେନା, ବୀରେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ଦଳେଇ, ଭଗବାନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

ସୋର,୧୩।୧୧(ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡ଼ିଶାର ବାଲେଶ୍ୱର ଜିଲା ପକ୍ଷରୁ କର୍ମକର୍ତ୍ତା ସମ୍ମିଳନୀ ସ୍ଥାନୀୟ ଗାନ୍ଧୀ ସେବା ସଂଘ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରେଭେନ୍ସା କଲେଜ ଅର୍ଥନୀତି ଅଧ୍ୟାପକ ଚିତ୍ତରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜିଲାସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ରବିନାରାୟଣ ପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୋଗ ଶିକ୍ଷା ଦେଇଥିଲେ ମୁକ୍ତିକାନ୍ତ ପାଣିଗ୍ରାହୀ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଦାସମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ନେତ୍ରାନନ୍ଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି ପ୍ରମୁଖ ବିବେକାନନ୍ଦଙ୍କ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାମଚନ୍ଦ୍ର ପୃଷ୍ଟିଙ୍କୁ ସମ୍ପାଦକ ରୂପେ ମନୋନୀତ କରାଯାଇଥିଲା। ଶେଷରେ ଲୋକସଂସଦର ଟ୍ରଷ୍ଟି ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ୟାପୁଛି ଝାଡ଼ାବାନ୍ତି, ୧୫ରୁ ଅଧିକ ଆକ୍ରାନ୍ତ

ସଜନାଗଡ଼,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଝାଡ଼ାବାନ୍ତି ରୋଗର ପ୍ରକୋପ ଦେଖାଦେଇଛି। ନୀଳଗିରିର ଦକ୍ଷିଣ ନରସିଂହପୁର ପଞ୍ଚାୟତରେ ପୂର୍ବରୁ ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦ ରୁ ଅଧିକ ଲୋକ ଆକ୍ରାନ୍ତହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଏବେ ପୁଣି ନୀଳଗିରି ନିର୍ବାଚନମଣ୍ଡଳୀର ଜିରିତାଳ ଗ୍ରାମରେ ଝାଡ଼ାବାନ୍ତି ଲାଗି ୧୫ରୁ ଅଧିକ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନେ ନୀଳଗିରି ଓ ଖନ୍ତାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗୁରୁତର ଥିବା କେତେକ ରୋଗୀଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତ ଶୁକ୍ରବାର ଜିରି ତାଳ ଗ୍ରାମର ଜନୈକ ମୃତକ ବ୍ୟକ୍ତିର ଦ୍ୱାଦଶାହରେ ବନ୍ଧୁବାନ୍ଧବ ସମେତ ପଡ଼ୋଶୀମାନେ ଖାଦ୍ୟ ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି। ଖବର ପାଇ ଏକ ମେଡିକାଲ ଟିମ୍ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଜଳଉତ୍ସରେ ବ୍ଲିଚିଂ ପକାଇ ଫେରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି ଘଟଣାକୁ ଗୁରୁତ୍ୱ ଦେଇ ଶୀଘ୍ର ଅନ୍ୟ ଏକ ମେଡିକାଲ ଟିମ୍ ପଠାଇ ଚିକିତ୍ସା ବ୍ୟବସ୍ଥା ସହ ଲୋକଙ୍କୁ ସଚେତନ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମା’ଭଗିଆଶୁଣୀଙ୍କ ପୀଠରେ ନାମଯଜ୍ଞ


ନାମଯଜ୍ଞ ବେଳେ ଉପସ୍ଥିତ ଶ୍ରଦ୍ଧାଳୁ।

ସିମୁଳିଆ,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆର ପ୍ରସିଦ୍ଧ ଶକ୍ତିପୀଠ ମା’ଭଗିଆଶୁଣୀଙ୍କ ନିକଟରେ ରାସ ପୂର୍ଣ୍ଣିମ ପାଳନ ଅବସରରେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗତ ଏକ ମାସ ବିଭିନ୍ନ ଅଞ୍ଚଳ ବୁଲି କରାଯାଉଥିବା ନାମ ସଙ୍କୀର୍ତ୍ତନ ମା’ଙ୍କ ପୀଠରେ ସମାପନ ହୋଇଥିଲା। ମଙ୍ଗଳବାର ପ୍ରତ୍ୟୁଷରେ ନାମଯଜ୍ଞ ଅଧିବାସ ହୋଇ ବୁଧବାର ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କହ୍ନେଇ ଚରଣ ନାରଣ ନାୟକ ଓ କାହ୍ନୁ ଚରଣ ଦେବନାଥ ବ୍ରତୀ ରୂପେ କଳସ ବୁଡାଇଥିଲେ। ଭଗିଆ ଗ୍ରାମର ନିଜସ୍ୱ ଓ ବଡ଼ଗମା ସଙ୍କୀର୍ତ୍ତନ ଦଳ ଅଷ୍ଟମ ପ୍ରହର ନାମଯଜ୍ଞ ପରିଚାଳନା କରିଥିଲେ। ଦାମୋଦର ନାୟକ, ତାରାପଦ ଗିରି, ସୁକୁମାର ପାତ୍ର, ବାବୁ ପାତ୍ରଙ୍କ ସମେତ ଗ୍ରାମବାସୀ ଓ ପୋଢ଼ଶୀ ଭକ୍ତମାନେ ସହଯୋଗୀ ଥିଲେ। ସେହିପରି ରୁଢୁଙ୍ଗା ଗ୍ରାମର ରାମେଶ୍ୱର ସଂସ୍କୃତ ବିଦ୍ୟାପୀଠ ପରିସରରେ ଭାଗବତ ଟୁଙ୍ଗୀର ରାସ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ହୋମ ଯଜ୍ଞ, ସାତ ସାଧବ ବନ୍ଦାପନା, ଭଜନକୀର୍ତ୍ତନ, ହବିଷ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ, ପରମାନନ୍ଦ ମହାପାତ୍ର, ଅର୍ଜୁନ ଚରଣ ମହାପାତ୍ର, ଗୟାଧର ବେହେରା ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଶା ବିରୋଧରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ସୃଷ୍ଟି ଜରୁରୀ

■ସଂସ୍କୃତ ମହାବିଦ୍ୟାଳୟରେ ସଚେତନତା ଶିବିର
■ନିଶାମୁକ୍ତ ସମାଜ ଗଠନ ଦାବି ଉପସ୍ଥାପନ

ବାଲେଶ୍ୱର ଅଫିସ,୧୩।୧୧

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ‘ମୋନା’ ବାଲେଶ୍ୱର ଶାଖା ପକ୍ଷରୁ ବଡ଼କିଆ ସ୍ଥିତ ସଂସ୍କୃତ ମହାବିଦ୍ୟାଳୟରେ ଜିଲା ଅବକାରୀ ବିଭାଗ ସହଯୋଗରେ ନିଶା ବିରୋଧୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନିଶା ବିରୋଧରେ ଛାତ୍ରୀଛାତ୍ର ସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଆଇନ୍‌ଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଉପଜିଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ନିଶାର ଅପକାରିତା ସମ୍ପର୍କରେ କେତେକ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଏହାଠାରୁ ଦୂରରେ ରହି ନିଶା ବିରୋଧରେ ସଚେତନତା ସୃଷ୍ଟି କରିବାକୁ କହିଥିଲେ। ‘ମୋନା’ର ଉପଦେଷ୍ଟା ସୁବ୍ରତ କର ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦିକା ମମତା ମାହାପାତ୍ର ଅତିଥିଙ୍କ ପରିଚୟ ଦେଇ ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉପଜିଲାପାଳ ମହାପାତ୍ରଙ୍କୁ ଶିବିର ଆୟୋଜନକୁ ପ୍ରୋତ୍ସାହିତ କରିଥିବାରୁ ସେ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ହୃଦ୍‌ରୋଗ ଡା. ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ନିଶା ସ୍ୱାସ୍ଥ୍ୟ ପକ୍ଷରେ କିପରି ପ୍ରଭାବ ପକାଏ ତାହା ଛାତ୍ରମାନଙ୍କୁ ବୁଝାଇ ନିଶା ରାକ୍ଷସ କବଳରୁ ରକ୍ଷା ପାଇବାର ଉପାୟ ସମ୍ବନ୍ଧରେ ଅବହିତ କରାଇଥିଲେ। ‘ମୋନା’ର କୋଷାଧ୍ୟକ୍ଷ ଡ. କ୍ଷିତୀଶ୍ୱର ଦାଶ, ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ପ୍ରଭାରୀ ଗୌରୀ କୁମାର ରଥ ଓ ‘ମୋନା’ର ସଦସ୍ୟ ପ୍ରଫୁଲ୍ଲ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସରାକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ। କଲେଜର ଅଧ୍ୟାପକ ସମର ବଲ୍ଲଭ ନାୟକଙ୍କ ମଞ୍ଚ ଆହ୍ୱାନ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅଜୟ କୁମାର ପଣ୍ଡା ବେଦପାଠ କରିଥିଲେ। ଅଧ୍ୟକ୍ଷ ପଞ୍ଜାବ କେଶରୀ ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଲକ୍ଷ୍ମୀପ୍ରିୟା ବାରିକ, ଯତୀନ କୁମାର ପ୍ରଧାନ ଓ ଲକ୍ଷଣ ବେହେରା ନିଶା ବିରୋଧରେ ମତାମତ ଉପସ୍ଥାପନ କରିଥିଲେ। ଶିବିରରେ କଲେଜର ସମସ୍ତ କର୍ମଚାରୀ, ପରିଚାଳନା ସମିତି ସଦସ୍ୟ ରଘୁନାଥ ରଥ ଓ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ‘ମୋନା’ର ସଦସ୍ୟ ଅଧ୍ୟାପକ କମଳାକାନ୍ତ ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

## ସାର୍ବଜନୀନ ରାହାସ ପୂର୍ଣ୍ଣିମା ଉତ୍ସବ


ରାହାସ ପୂର୍ଣ୍ଣିମା ଉତ୍ସବରେ ମଞ୍ଚାସୀନ ଅତିଥି।

ରୂପ୍‌ସା,୧୩।୧୧(ଡି.ଏନ.ଏ.)–

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ନାରଗୋଦା ଉତ୍କଳମଣି ଯୁବକ ସଂଘ ଆନୁକୂଲ୍ୟରେ ସାର୍ବଜନୀନ ରାହାସ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁଦାମ ଚରଣ ବାରିକ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଇଡ଼ିଦା ପଞ୍ଚାୟତ ସରପଞ୍ଚ ଦେବୀ ପ୍ରସାଦ ଭଞ୍ଜ ମୁଖ୍ୟଅତିଥି, ଗୋଲକ ନାରାୟଣ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚୈତନ ପ୍ରସାଦ ସାହୁ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଶିକ୍ଷକ ସୁବଳ ଚନ୍ଦ୍ର ବାରିକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଦୋକାନରୁ ଚୋରି ଉଦ୍ୟମ କରୁଥିବାବେଳେ ଧରାପଡ଼ିଲେ

**ବନ୍ତ,୧୩।୧୧(ଡି.ଏନ.ଏ.):** ବନ୍ତ ଥାନା ତାଳପଦାସ୍ଥିତ ଏକ ଦୋକାନରୁ ଚୋରି ଉଦ୍ୟମ କରୁଥିବାବେଳେ ଜଣେ ନାବାଳକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ସ୍ଥାନୀୟ ପୋଲିସ ସମ୍ପୃକ୍ତ ନାବାଳକଙ୍କ ମା'ବାପାଙ୍କୁ ନୋଟିସ୍ ଦେଇ ତାଙ୍କୁ ଛାଡ଼ିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ୧୦ ତାରିଖ ସନ୍ଧ୍ୟାରେ ତାଳପଦା ଗ୍ରାମ ମୁଣ୍ଡରେ ଥିବା ସୋମନାଥ ନାୟକଙ୍କ ଦୋକାନରୁ ଉକ୍ତ ନାବାଳକ ତାଲା ଭାଙ୍ଗି ଚୋରି ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିଲେ। ଅଭିଯୋଗ ହେବା ପରେ ବନ୍ତ ଥାନା ପୋଲିସ ମାମଲା (ନଂ.୧୪୪/୧୯)ରୁଜୁ କରିଛି।

### ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଦ୍ରକ ଅଫିସ,୧୩।୧୧:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅର୍ଣ୍ଣପାଳ ନିକଟସ୍ଥ ଭକ୍ତିବ୍ରହ୍ମପୁର ଗାଁର ଜଣେ ମହିଳା ବୁଧବାର ସନ୍ଧ୍ୟାରେ ପାରିବାରିକ କଳହକୁ କେନ୍ଦ୍ରକରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମହିଳା ଜଣଙ୍କ ସନ୍ଧ୍ୟାରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଭିଆର୍‌ପି ସଂଘ ଗଠିତ

**ଧାମନଗର ୧୩।୧୧(ଡି.ଏନ.ଏ.):** ଧାମନଗର ବ୍ଲକସ୍ତରୀୟ ଭିଆର୍‌ପି (ଗ୍ରାମ୍ୟ ସମ୍ବଳ ବ୍ୟକ୍ତି) ସଂଘ ଗଠିତ ହୋଇଛି। ଓଡ଼ିଶା ସରକାରଙ୍କ ଓଏସ୍‌ଏସ୍‌ଏଏଟି ଅଧୀନରେ ବ୍ଲକରେ କାର୍ଯ୍ୟ କରୁଥିବା ୩୧ଟି ପଞ୍ଚାୟତର ଭିଆର୍‌ପିଙ୍କୁ ନେଇ ସଂଘ ଗଠନ କରାଯାଇଛି। ବିଏସ୍‌ଏ ନମିତା ଜେନାଙ୍କ ଅଧକ୍ଷତାରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁନିତା ପାତ୍ର, ଉପସଭାପତି କଳ୍ପନା ନାୟକ, ସମ୍ପାଦକ କୁମୁଦ ବାରିକ, ସହସମ୍ପାଦିକା ସୁଚିତ୍ରା ସାମଲ, କୋଷାଧକ୍ଷ ରଶ୍ମିତା ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସନ୍ଧ୍ୟାରାଣୀ ସାଏନ୍ତ, ବିଷ୍ଣୁପ୍ରିୟା ଦାସ, ଅନୁପମା ମହାନ୍ତି, ସବିତା ସାହୁ, ବିଶ୍ୱଜିତା ରାଉତ, ସୁନେଲି ମଲିକ ମନୋନୀତ ହୋଇଛନ୍ତି। ସରକାରୀ ନିଷ୍ପତ୍ତି ଅନୁସାରେ ନ୍ୟସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ସ୍ଥିର ହୋଇଥିଲା।

### ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ

**ଭଦ୍ରକ ଅଫିସ, ୧୩।୧୧:** ଭଦ୍ରକ ଚରମ୍ପା ବରିଷ୍ଠ ନାଗରିକ ସଂଘର ଏକ ସାଧାରଣ ବୈଠକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମ୍ମିଳନୀ କକ୍ଷରେ ସଭାପତି ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ସୁଦର୍ଶନ ବିଶ୍ୱାଳ ସଂଘର ଆର୍ଥିକ ପାଣ୍ଠି ସମ୍ବନ୍ଧରେ ସମସ୍ତ ସଭ୍ୟଙ୍କୁ ଅବଗତ କରାଇଥିଲେ। ସଭାପତି ରାଉତ ଆସନ୍ତା ୨୪ ତାରିଖରେ ରମ୍ଭିଳା ଉଚ୍ଚ ବିଦ୍ୟାଳୟ ଓ ବୀଣାପାଣି ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ କଟକର ରୋଟାରୀ ଚକ୍ଷୁ ହସ୍ପିଟାଲର ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହାୟତାରେ ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏଥିଲାଗି ଏକ ପ୍ରସ୍ତୁତି କମିଟି ଗଠନ କରାଯାଇ ସଂଘର ଉପଦେଷ୍ଟା ପଦ୍ମଲୋଚନ ମହାଲିକ ଓ ପ୍ରଫୁଲ୍ଲ କୁମାର ପଲେଇ, କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାସ, କାର୍ଯ୍ୟକାରିଣୀ ସଭ୍ୟ ନରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

**ଭଣ୍ଡାରିପୋଖରୀ, ୧୩।୧୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ଉଆସସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରଠାରେ ରାହାସ ପୂର୍ଣ୍ଣିମା ଅବସରରେ ସୂର୍ଯ୍ୟମଣି ଇଚ୍ଛାମଣି ସେବା ନିକେତନ ପକ୍ଷରୁ ଗ୍ରାମର ଅସହାୟ ବୃଦ୍ଧା ବୃଦ୍ଧ ସମେତ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ସହାୟତାରେ ପ୍ରତିବର୍ଷ ଭଳି ଚଳିତବର୍ଷ କମ୍ବଳ ବିତରଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ବ୍ରଜେନ୍ଦ୍ର ନାରାୟଣ ମହାପାତ୍ର, ଲକ୍ଷ୍ମୀନାରାୟଣ ମନ୍ଦିର ପୁରୋହିତ ଶଶଧର ତ୍ରିପାଠୀ, ଶୁକଦେବ ଚନ୍ଦ, ଜିତେନ୍ଦ୍ର ନାରାୟଣ ମହାପାତ୍ର, ପ୍ରତାପ ବେହେରା ଓ ଗ୍ରାମର ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

# ନିଆରା ପରିଚୟ ଦେଇଛି ରଙ୍ଗଗଜା

**ବାସୁଦେବପୁର,୧୩।୧୧(ଡି.ଏନ.ଏ.)**

ଭଦ୍ରକର ପାଲୁଅ ଲଡୁ ଭଳି ବାସୁଦେବପୁର ରଙ୍ଗ ଗଜା। ଭଦ୍ରକ ଜିଲାର ବାସୁଦେବପୁର ବଜାର ଏକ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ। ଏହି ବଜାରରେ ୧ ହଜାରରୁ ଊର୍ଦ୍ଧ୍ୱ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀ ଥିବାବେଳେ ୩୦ଟି ଛୋଟବଡ଼ ମିଠା ଦୋକାନ ରହିଛି। ବାସୁଦେବପୁର ବ୍ଲକରୋଡ୍‌ର ପୁରାତନ ମିଠାଦୋକାନ ଅଗସ୍ତି ମିଷ୍ଟାନ୍ନ ଭଣ୍ଡାରରେ ଦେଖିବାକୁ ମିଳେ ରଙ୍ଗ ଗଜା। ଯାହା କି ଗ୍ରାହକମାନଙ୍କୁ ଆକୃଷ୍ଟ କରେ। ଏହି ରଙ୍ଗ ଗଜା ପାଇଁ ବାସୁଦେବପୁର ଜିଲାରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି।

ଏହି ଗଜା ଦେଖିବାକୁ ଠିକ୍ ପୁରୀ ଗଜା ପରି। ଏହାର ପ୍ରସ୍ତୁତି ମଧ୍ୟ ଅନ୍ୟ ମିଠାଠାରୁ ସମ୍ପୂର୍ଣ୍ଣ ନିଆରା। ଏହାକୁ ପ୍ରସ୍ତୁତି କରିବା ବେଳେ କଞ୍ଚାମାଲ ଭାବେ ମଇଦା, ମହିନି, ଜୁଆଣି, ମହୁରି, କଳାଜିରା ଓ ଘିଅ ବ୍ୟବହାର ହୋଇଥାଏ। ଏହି ଗଜା ପ୍ରସ୍ତୁତି ପାଇଁ ପ୍ରାୟ ୧ ଘଣ୍ଟା ଲାଗିଥାଏ। ପ୍ରଥମେ ମଇଦାକୁ ଦଳାଯିବା ପରେ ଘିଅ ଦେଇ ପୁନର୍ବାର ଦଳାଯାଇ ତାକୁ ୫ ଇଞ୍ଚ ଲମ୍ବ ଓ ଦୁଇଇଞ୍ଚ ଓସାରରେ କଟାଯାଏ। ପରେ ତାକୁ ବେଲାଯାଇ ଡାଲଦା ଘିଅରେ ଛଣାଯାଇଥାଏ। ଏହା ଥଣ୍ଡା ହେବା ପରେ ଚିନି ଶିରାରେ ଛଣାଯାଇ ୧୫ ମିନିଟ୍ ପରେ ଗ୍ରାହକମାନଙ୍କ ପାଖକୁ ଅଣାଯାଇଥାଏ। ଖାସ୍ତା ଦିଆଯାଇ ରଙ୍ଗଗଜାକୁ ସ୍ୱାଦିଷ୍ଟ କରାଯାଏ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତ ଗ୍ରାହକଙ୍କର ବେଶ୍ ପସନ୍ଦ ହୋଇଥାଏ ବୋଲି ଏହି ଗଜା ପ୍ରସ୍ତୁତି କରୁଥିବା ଚିତ୍ତରଞ୍ଜନ ଅଗସ୍ତୀ କହନ୍ତି। ଦୋକାନ ମାଲିକ ଭକ୍ତରଞ୍ଜନ ଅଗସ୍ତୀ କହନ୍ତି, ପ୍ରତିଦିନ ସକାଳୁ ଦୋକାନ ଖୋଲିବାଠାରୁ ରାତି ୧୦ଟା ବନ୍ଦ ହେବା ପର୍ଯ୍ୟନ୍ତ ପ୍ରାୟ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ରଙ୍ଗଗଜା ବିକ୍ରି ହୋଇଥାଏ। ସେହିପରି ପର୍ବପର୍ବାଣି, ଓଷାବ୍ରତ ସମୟରେ ଅନ୍ୟ ମିଠାଠାରୁ ଏହି ଗଜାର ଚାହିଦା ଅଧିକ। ଏହି ସମୟରେ ଦିନକୁ ୫ରୁ୬ କୁଇଣ୍ଟାଲ ପର୍ଯ୍ୟନ୍ତ କିଲୋ ପିଛା ଶହେ ଟଙ୍କାରେ ବିକ୍ରି ହୋଇଥାଏ। ୩/୪ ଜଣ ମିସ୍ତ୍ରି ଏହି ଗଜା ପ୍ରସ୍ତୁତିରେ ଲାଗି ରହିଥାନ୍ତି। ଅନ୍ୟ ଦୋକାନଗୁଡ଼ିକରେ ମଧ୍ୟ ଏହି ଗଜା ବିକ୍ରି ହେଉଛି। ରଙ୍ଗଗଜା ବାସୁଦେବପୁରର ଗୁରୁତ୍ୱ ବଢ଼ାଇଛି ବୋଲି ଗ୍ରାହକ ମାନସ ରଞ୍ଜନ ସାହୁ ମତ ପ୍ରକାଶ କରିଛନ୍ତି।



ରଙ୍ଗଗଜା ଦୋକାନରେ ଭକ୍ତରଞ୍ଜନ ଅଗସ୍ତୀ।

# ଚାଷୀଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଧାମନଗର, ୧୩।୧୧ (ଡି.ଏନ.ଏ.)**

ଧାମନଗର ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ବାତ୍ୟାରେ କ୍ଷୟକ୍ଷତି ପୂରଣ ସହିତ ଚାଷୀଙ୍କର ଅନ୍ୟ ୮ଟି ଦାବିକୁ ନେଇ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବାତ୍ୟା ପ୍ରଭାବରେ ଧାମନଗର ବ୍ଲକରେ ଧାନଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଏହାର ଠିକ୍ ତଦନ୍ତ କରାଯାଇ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ, କାଳିଆ ଯୋଜନାରେ ପ୍ରକୃତ ଚାଷୀ ବାଦ୍ ପଡ଼ିଥିବା, ସମବାୟ ସମିତିଠାରୁ ଏପର୍ଯ୍ୟନ୍ତ ପୂର୍ବବର୍ଷର କ୍ଷତିପୂରଣ ମିଳି ନ ଥିବା, ଭାଗଚାଷୀଙ୍କୁ ଋଣ ପ୍ରଦାନ, ଷଣ୍ଢ ଓ ମାଙ୍କଡ଼ଙ୍କ ଦୌରାତ୍ମ୍ୟ କମାଇବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଚାଷୀଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ବ୍ଲକରୁ ଶତାଧିକ ଚାଷୀ ଧାମନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ଧାମନଗର ସଂଯୋଜକ ପୀତବାସ ମହାନ୍ତି ନେତୃତ୍ୱ ନେଇଥିଲେ। ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତୀ, ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ସହସଂଯୋଜକ ସତ୍ୟପ୍ରକାଶ ନାୟକ, ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ତିହିଡ଼ି ସଂଯୋଜକ ଗଗନ ଚନ୍ଦ୍ର ବିହାରୀ, ଭଦ୍ରକ ବ୍ଲକ ସଂଯୋଜକ ଆର୍ତ୍ତତ୍ରାଣ ତିୱାରୀ ଏବଂ କୃଷକ ନେତା ପ୍ରଭାତ କୁମାର ମହାଲିକ ପ୍ରମୁଖ ଯୋଗ ଦେଇଥିଲେ।

# 'ଚୂଡ଼ାମଣି ବନ୍ଦର ପ୍ରତିଷ୍ଠା ଲାଗି ପ୍ରଚେଷ୍ଟା ଜାରି ରହିଛି'

**ବାସୁଦେବପୁର, ୧୩।୧୧(ଡି.ଏନ.ଏ.)**

ବାସୁଦେବପୁରର ଚୂଡ଼ାମଣି ଗୋଲାପଡ଼ିଆଠାରେ ଦ୍ୱାଦଶ ବାର୍ଷିକ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବ ଅବସରରେ ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଚୂଡ଼ାମଣି ବନ୍ଦରର ଅତୀତ ଇତିହାସ ଅତ୍ୟନ୍ତ ଗୌରବମୟ। ସରକାରୀ ଭାବେ ଚୂଡ଼ାମଣି ବନ୍ଦର ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିଛି ବୋଲି ମୁଖ୍ୟଅତିଥି ବେହେରା କହିଥିଲେ। ରାଜ୍ୟ ସରକାର ବିଭିନ୍ନ ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରୁଛନ୍ତି। ଚୂଡ଼ାମଣି ବନ୍ଦର କିପରି ଠିକ୍ ରୂପରେଖ ନେଇପାରି ବନ୍ଦର ମାନ୍ୟତା ପାଇବ ସେ ଦିଗରେ ସରକାର ଧ୍ୟାନ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ କହିଥିଲେ, ଚୂଡ଼ାମଣି ଓ ଏହା ସଂଲଗ୍ନ ଅଞ୍ଚଳରେ ୨୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଗମେଇ ନଦୀଘାଟ ଓ ସମୁଦ୍ର ଉପରେ ନିର୍ଭରଶୀଳ। ଆଗାମୀ ଦିନରେ କିପରି ଚୁଡାମଣି ବନ୍ଦର କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ସରକାର ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ। ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟତମ ଅତିଥି ଭାବେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ବୋଇତ ବନ୍ଦାଣ ପରମ୍ପରା ପୂର୍ବରୁ ମଧ୍ୟ ରାଜ୍ୟରେ ଆର୍ଥିକ କାରବାରକୁ ଅଧିକ ମଜଭୁତ କରୁଥିଲା ଓ ଏହି ପରମ୍ପରା ଆଗକୁ ଜାରି ରହିବ ବୋଲି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଇନଜୀବୀ ତଥା କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଜୟକୃଷ୍ଣ ମଲିକ ଚୁଡାମଣିଠାରେ ମତ୍ସ୍ୟଜୀବୀଙ୍କ ହିତ ପାଇଁ ଏକ ବତିଘର ନିର୍ମାଣ ସହିତ ଘାଟରୁ ଜେଟି ପର୍ଯ୍ୟନ୍ତ ନଦୀକୁ ଖୋଳାଯିବାକୁ ଦାବି କରିଥିଲେ। ସଭାପତି ଶଶିକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦକ ନୀଳକଣ୍ଠ ମଲିକ ବିବରଣୀ ପାଠ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଆଇନଜୀବୀ ସୁନନ୍ଦ ମଲିକ। ଏହି ଅବସରରେ ଯାତ୍ରା ଅଭିନେତା ସୁଶୀଲ ମହାପାତ୍ର, କନକ କୁମାର ସ୍ୱାଇଁ ଓ ଅରକ୍ଷିତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରୋଗୀକଲ୍ୟାଣ ସମିତି ବୈଠକ

**ଭଣ୍ଡାରିପୋଖରୀ, ୧୩।୧୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଜିଲା ପରିଷଦ ଉପାଧକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୁଷ ଡାକ୍ତର ଅରୁଣ ନାୟକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ ସହ ୨୦୧୯-୨୦ର ବାର୍ଷିକ ବଜେଟ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଲୋକ ଓ ଜଳ ବ୍ୟବସ୍ଥା, ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ, ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବୃକ୍ଷରୋପଣ, ଆବଶ୍ୟକ ଔଷଧ ମହଜୁଦ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ, ବିଦ୍ୟାଳୟଗୁଡ଼ିକରେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଉପରେ ଆଲୋଚନା କରାଯାଇଥିଲା। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ରଞ୍ଜିତ ବରାଳ ଓ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ପିଅନ ପଦବୀ ପୂରଣ ହେଲେ ଜନସାଧାରଣ ଅଧିକ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକର୍ମୀ ପ୍ରଭାକର ବେହୁରିଆ, ଅମରଜିତ୍ ରାୟ, ମଞ୍ଜୁଳା ପାତ୍ର, ଜୟନ୍ତୀ ରାୟ, ଦିଲୀପ ରାଉତ, ହରେକୃଷ୍ଣ ଦାସ, ଲୁସି ସଙ୍ଗୀତା ଜେନା, ସୁରମା ବରାଳ, ସନ୍ତୋଷୀରାଣୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜକିଶୋରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଆଇଜିଏମ କଲେଜର ପୂର୍ବତନ ଅଧକ୍ଷ ଡ. ରାଜକିଶୋର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଧାମନଗର,୧୩।୧୧(ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀସ୍ଥିତ ଆଇଜିଏମ୍ କଲେଜର ପୂର୍ବତନ ଅଧକ୍ଷ ଡ. ରାଜକିଶୋର ନାୟକଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବର୍ତ୍ତମାନର ଅଧକ୍ଷ ବ୍ରଜମୋହନ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ସମ୍ମାନିତ ଅତିଥିଭାବେ କଲେଜ ପରିଚାଳନା ସଭାପତି ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରଦୀପ ମଲ୍ଲିକ, ନାରାୟଣ ଚନ୍ଦ୍ର ସାହୁ, ହରେକୃଷ୍ଣ ପାଢୀ, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜର ପ୍ରତିଷ୍ଠା ସମୟରୁ ପୂର୍ବତନ ଅଧକ୍ଷ ଡ. ନାୟକ ଓଡ଼ିଆ ଅଧ୍ୟାପକ ଭାବେ ଯୋଗଦେଇ ପରେ ଅଧକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ। କଲେଜ ସରକାରୀ ସ୍ୱୀକୃତି ପାଇବାଠାରୁ ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଅତିଥିବୃନ୍ଦ, କଲେଜ ପରିଚାଳନା କମିଟି, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ ଡ. ନାୟକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଏମ୍‌ପିଙ୍କ ପାଣ୍ଠିରୁ ଆଇଜିଏମ୍ କଲେଜର ଉନ୍ନତି ସକାଶେ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ଏମ୍‌ପି ମଣ୍ଡଳ ଘୋଷଣା କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଦିଲୀପ ମିଶ୍ର, ପୀତାମ୍ବର ରାଉତରାୟ, ନାରାୟଣ ମହାନ୍ତି, ପ୍ରଫୁଲ୍ଲ ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବିଭୂତି ଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପତ୍ରିକାରେ ତ୍ରୁଟି ନେଇ ସ୍ମାରକପତ୍ର ପ୍ରଦାନ

**ଭଦ୍ରକ ଅଫିସ, ୧୩।୧୧**

ସରକାରଙ୍କ ଦ୍ୱାରା ପ୍ରକାଶିତ ଗାନ୍ଧୀ ପତ୍ରିକାରେ ହୋଇଥିବା ତ୍ରୁଟିର ପ୍ରତିବାଦ କରିଛନ୍ତି ଭଦ୍ରକର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କର୍ମକର୍ତ୍ତା। ସେମାନେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ନେଇ ସରକାରୀ ସ୍ତରରେ ଦିଆଯାଇଥିବା ବିଭ୍ରାନ୍ତକର ତଥ୍ୟ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ସାରା ରାଜ୍ୟରେ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଥିବାବେଳେ ଏଭଳି ଭୁଲ୍ ତଥ୍ୟ ସରକାରୀସ୍ତରରେ ମୁଦ୍ରିତ ପୁସ୍ତକରେ ପ୍ରକାଶ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢୀ, ସମ୍ପାଦକ ତୁଷାରକାନ୍ତି ମହାନ୍ତି, ଆଇନଜୀବୀ ଦିବ୍ୟସିଂହ ନାୟକ, ଅଧିବକ୍ତା ଗିରିଧାରୀ ନାଥ, ଗଙ୍ଗାଧର ମଲ୍ଲିକ, ଶିବପ୍ରସାଦ ମହାନ୍ତି, ଲଲାଟେନ୍ଦୁ ମହାନ୍ତି, ପ୍ରଫୁଲ୍ଲ ପାଢୀ, ଏସ୍.ଏମ୍ ଫାରୁକ୍ ପ୍ରମୁଖ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



ଜିଲା ପ୍ରଶାସନକୁ ସ୍ମାରକପତ୍ର ଦେବାକୁ ଆସିଥିବା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କର୍ମକର୍ତ୍ତା।

# କୃଷକସଭା ପକ୍ଷରୁ ଦାବିପତ୍ର

**ଚାନ୍ଦବାଲି/ବାସୁଦେବପୁର, ୧୩।୧୧(ଡି.ଏନ.ଏ.)**

ବାତ୍ୟା ବୁଲ୍‌ବୁଲ୍ ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ମୁଖ୍ୟତଃ ଚାଷଜମିରୁ ବର୍ଷାଜଳ ନିଷ୍କାସନରେ ବାଧା କାରଣରୁ ଜମିରେ ଧାନଗଛ ପଚିବାରେ ଲାଗିଛି। ବିଭିନ୍ନ କେନାଲ, ଯୋରରେ କେତେକ ଲୋକ ମାଛ ଧରିବାକୁ ଆଡ଼ିବନ୍ଧ କରି ପାଣି ଅଟକ ରଖିଛନ୍ତି। ଫଳରେ ଜମିରୁ ଜଳ ନିଷ୍କାସନରେ ସମସ୍ୟା ହେଉଛି। କୃଷକ ସଭାର ଚାନ୍ଦବାଲି ଶାଖା ପକ୍ଷରୁ କେତେକ ଚାଷୀଙ୍କୁ ନେଇ ବୁଧବାର ଚାନ୍ଦବାଲି ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। କେନାଲ, ଯୋରରେ ଥିବା ବେଆଇନ ଆଡ଼ିବନ୍ଧକୁ ତୁରନ୍ତ ହଟାଇବା, ଫସଲ କ୍ଷତିର ଠିକ୍ ଆକଳନ, ଘର ଭାଙ୍ଗିଥିବା ଲୋକଙ୍କ ତାଲିକା ପ୍ରସ୍ତୁତ, ବ୍ଲକର ସମସ୍ତ ଭାଗଚାଷୀଙ୍କୁ ଚିହ୍ନଟ, କ୍ଷୟକ୍ଷତିରେ ସେମାନଙ୍କୁ ସାମିଲ ଓ ଫସଲ ବୀମା ପ୍ରଦାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣଛାଡ଼ ସହ ଆଗାମୀ ବର୍ଷ ପାଇଁ ସାର ଏବଂ ଔଷଧ ଯୋଗାଣ ଆଦି ଦାବି କରାଯାଇଛି। ସେମାନେ ବିଡିଓ ଓ କୃଷି ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ମଳୟ ଭୋଇ, ବିକାଶ ନାଥ, ରବି ପଟ୍ଟନାୟକ ଓ ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ବାସୁଦେବପୁର ଅଞ୍ଚଳରେ ବ୍ୟାପକ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଷୀ ଆର୍ଥିକ ଭାବେ କ୍ଷତି ସହିଛନ୍ତି। ୪ ଦଫା ଦାବି ନେଇ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏକ ଦାବିପତ୍ର ଭାରପ୍ରାପ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ବୁଧବାର ଅପରାହ୍ନରେ କୃଷକ ସଭାର ସୁବାସ ଜେନା, ମୋହନ ଜେନା, ନାଗେଶ୍ୱର ଜେନା, କାହ୍ନୁ ବେହେରା, ହରିହର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ସୈନ୍ୟବାହିନୀରେ ନିଯୁକ୍ତି ପାଇଁ ଯୁବ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଯୁବକମାନେ।

**ତିହିଡ଼ି,୧୩।୧୧(ଡି.ଏନ୍.ଏ.)**

ତିହିଡ଼ି ବ୍ଲକର ଜୀବନଜ୍ୟୋତି ସଙ୍ଗଠନ ପକ୍ଷରୁ ଯୁବ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଭାରତୀୟ ସୈନ୍ୟବାହିନୀରେ ନିଯୁକ୍ତି ପାଇବାକୁ ଆଶାୟୀ ଥିବା ଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଶିବିରରେ ୨୦୭ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ମଙ୍ଗଳବାର ୧୦୭ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କୁବେରା ପଞ୍ଚାୟତ ଦେଉଳା ପଡ଼ିଆରେ ୫କି.ମି. ଦୌଡ଼ ଏବଂ ମୁକୁନ୍ଦପୁର ପଡ଼ିଆରେ ବିମ୍, ଦୌଡ଼ିଚଢ଼ା ତାଲିମ ଦିଆଯାଇଥିଲା। ବୁଧବାର ମୁକୁନ୍ଦପୁର, ପୀରହାଟ ଓ ଗଦି ପଡ଼ିଆରେ ମଧ୍ୟ ଲମ୍ବଡିଆଁ, ଉଚ୍ଚଡିଆଁ, ସନ୍ତରଣ ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯାଇଛି। ଆସନ୍ତା ୧୫ରେ ଲିଖିତ ପରୀକ୍ଷା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ସହ ବିଜୟୀ ସ୍ମାରକ ପ୍ରଦାନ କରାଯିବ। ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ବିଜୟ ମିଶ୍ର, ବିଶ୍ୱନାଥ ନାୟକ, ଜ୍ୟୋତିର୍ମୟ ପାଣ୍ଡବ, ସୁବାସ ପରିଡ଼ା, ଲକ୍ଷ୍ମୀକାନ୍ତ ନାୟକ ପରିଚାଳନା କରିଥିଲେ।

# ନିତାଇ ଗୌରାଙ୍ଗ ବାଲିଯାତ୍ରା

**ଭଦ୍ରକ ଅଫିସ,୧୩।୧୧**

ଉତ୍କଳୀୟ ବାଣିଜ୍ୟ ପରମ୍ପରାର ସ୍ମାରକୀ ବହନ କରୁଛି ବାଲିଯାତ୍ରା। ଏହି ପରମ୍ପରା ସ୍ମୃତି ରକ୍ଷା କରିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ବାଉଦପୁରସ୍ଥିତ ନିତାଇ ଗୌରାଙ୍ଗ ବାଲିଯାତ୍ରାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ବାଲିଯାତ୍ରା କମିଟି ଉପଦେଷ୍ଟା ଆଇନଜୀବୀ ରଞ୍ଜନ ପଣ୍ଡାଙ୍କ ସଂଯୋଜନା ଓ ନାରାୟଣ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ଜିଲାପରିଷଦ ସଭ୍ୟ କ୍ଷୀରୋଦ ରାଉତ, ରୋଟାରୀ ମିଡ୍‌ଟାଉନ ସଭାପତି ଅତିଶ ବେହେରା, ସରପଞ୍ଚ ଶ୍ରୀଧର ଯେନା, ସମାଜସେବୀ କାର୍ତ୍ତିକ ବେହେରା ଓ ସରୋଜ ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟି ସମ୍ପାଦକ ବାବୁରାମ ଯେନା ବାଲିଯାତ୍ରା ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧକ୍ଷ ସୁଧୀର କୁମାର ଯେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ନିତାଇ ଗୌରାଙ୍ଗ ବାଲିଯାତ୍ରା କମିଟି ପକ୍ଷରୁ ଆୟୋଜିତ ଏହି ମେଳା ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।



ଉତ୍ସବରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

# ମଞ୍ଜି ବିକାଳିଙ୍କ ବଡ଼ ହୃଦୟ

## ସ୍ୱତନ୍ତ୍ର ଦିନରେ ବଡ଼ଦାଣ୍ଡରେ ବୁଲି ବାଣ୍ଟନ୍ତି ଚା, ପାନ

**ପୁରୀ ଅଫିସ, ୧୩।୧୧**

କଥାରେ ଅଛି ମାନବ ସେବା ହିଁ ମାଧବ ସେବା। ଏହାକୁ ଯିଏ ଭଲ ଭାବେ ବୁଝିଛି ତା' ପାଇଁ ବୟସ କି ପଥ କିଛି ଫରକ୍ ପଡ଼େ ନାହିଁ। ଯେତେ ଦୂର ହୋଇଥାଉ ନା କାହିଁକି ମାନବ ସେବା ପାଇଁ ସେ ଧାଇଁଯାଏ। ସମାଜରେ ଏମିତି କ୍ୱଚିତ୍ ଲୋକ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ବିଜୟ ନାୟକ। ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମୁବାରକପୁର। ବୟସ ୫୮ ଛୁଇଁଲାଣି। କିଛି ସ୍ୱତନ୍ତ୍ର ଦିନରେ ସେବା ଯୋଗାଇ ଦେବାକୁ ଛୁଟିଆସନ୍ତି ପବିତ୍ର ଶ୍ରୀକ୍ଷେତ୍ର ମାଟିକୁ। ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ବିନା ସ୍ୱାର୍ଥରେ ସେବାକୁ ଆଦରି ନିଅନ୍ତି। ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବୁଲି ବୁଲି ଶ୍ରଦ୍ଧାଳୁଙ୍କୁ ଚା ଏବଂ ପାନ ବାଣ୍ଟୁଥିଲେ ବିଜୟ।

ବିଜୟ ପେସାରେ ମଞ୍ଜି ବିକାଳି। ଘର ପାଖ ବିଭିନ୍ନ ହାଟକୁ ପନିପରିବା ମଞ୍ଜି ନେଇ ବିକ୍ରି କରିଥାନ୍ତି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ଚଳିଥାନ୍ତି। ତେବେ ତାଙ୍କ ହୃଦୟ ବହୁତ ବଡ଼। ମାନବ ସେବା ପ୍ରତି ତାଙ୍କର ରହିଛି ବିଶେଷ ଦୁର୍ବଳତା। ଏବେ ଭିନ୍ନ ଏକ ସେବା କରିବାର ସୁଯୋଗ ତାଙ୍କୁ ଆତ୍ମତୃପ୍ତି ଦେଉଛି। ବଡ଼ଦାଣ୍ଡରେ ଭକ୍ତଙ୍କୁ ବୁଲି ବୁଲି ମାଗଣାରେ ଚା, ପାନ ବାଣ୍ଟିବା ଇଚ୍ଛା କାହିଁକି ହେଲା ପ୍ରଶ୍ନରେ ବିଜୟ କୁହନ୍ତି, ପ୍ରାୟ ୧୫ ବର୍ଷ ପୂର୍ବରୁ ଥରେ ରଥଯାତ୍ରା ଦେଖିବାକୁ ପୁରୀ ଆସିଥିଲି। ବଡ଼ଦାଣ୍ଡରେ ଗାମୁଛାଟିଏ ପାରି ଘରୁ ଆଣିଥିବା ପାନ ଭାଙ୍ଗୁଥାଏ। ଏହି ସମୟରେ ଜଣେ ବ୍ୟକ୍ତି ପାନ ମାଗିଲେ ଏବଂ କେତେ ପଇସା ନେବ ବୋଲି ପଚାରିଲେ। ପାନ ଖଣ୍ଡିଏ ପାଇଁ ପଇସା କଥା ପଚାରିବା ସେଦିନ ମୋ ମନକୁ ଆନ୍ଦୋଳିତ କଲା। କିଛି ସମୟରେ ପରେ ଜଣେ ବୃଦ୍ଧା ପହଞ୍ଚି ପାନ ମାଗିଲେ। ତାଙ୍କୁ ଦେଲି। ସେ ଖାଇ ମୋ ମୁଣ୍ଡରେ ହାତ ବୁଲାଇ କହିଲେ, ଏମିତି ବଡ଼ଦାଣ୍ଡରେ ଲୋକଙ୍କୁ ପାନ ଦେଉଥା, ଜଗନ୍ନାଥ ତୋ'ର ମଙ୍ଗଳ କରିବେ। ଏହି କଥା ମନେ ଥିଲା। ତା' ପରବର୍ଷ ରଥଯାତ୍ରାକୁ ଗୋଟା ପାନ ୨କଡ଼ା, ଗୁଆ ମସଲା ଆଣି ରଥଯାତ୍ରା ଦିନ ବଡ଼ଦାଣ୍ଡରେ ବାଣ୍ଟିଲି। ସେବେଠାରୁ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଏମିତି ପାନ ବାଣ୍ଟେ। ୩/୪ ବର୍ଷ ହେବ ପଞ୍ଚୁକ ଦିନ ଶ୍ରଦ୍ଧାଳୁଙ୍କୁ ଲେମ୍ବୁ ଚା ବାଣ୍ଟୁଛି। ମହାପ୍ରଭୁ ଯେତେଦିନ ଯାଏ ଚାହିଁବେ ଏମିତି ସେବା ଯୋଗାଉଥିବି। ବିଜୟଙ୍କ ମତରେ ସବୁଦିନେ ଘରେ ଶୋଉଛେ, ଦିନେ ଅଧେ ଜଗନ୍ନାଥଙ୍କ ତକ୍‌ଲପ ଗଦି (ବଡ଼ଦାଣ୍ଡର ଖୋଲା ଆକାଶ ତଳ)ରେ ସମସ୍ତେ ଶୁଅନ୍ତୁ। ସେ ଅନୁଭୂତି ସବୁଦିନ ମନେ ରହିବ।



ମଞ୍ଜି ବିକାଳି ବିଜୟ ପୁରୀରେ ଶ୍ରଦ୍ଧାଳୁଙ୍କୁ ଚା ବାଣ୍ଟୁଛନ୍ତି।

## ସଂକ୍ଷେପରେ

### ମଧ୍ୟାହ୍ନଭୋଜନ ପାଚିକା, ସହାୟିକାଙ୍କ ସମ୍ମିଳନୀ

**କୋଷ୍ଠା,୧୩।୧୧(ଡି.ଏନ୍.ଏ.)-** ଶୁଳିଆପଦା ବ୍ଲକ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାମାନଙ୍କର ଏକ ସମ୍ମିଳନୀ ସ୍ଥାନୀୟ ଉଦୟନାଥ ଆଇଟିଆଇ ପରିସରସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ବିଶ୍ୱମ୍ଭର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଚିକା ଓ ସହାୟିକାମାନଙ୍କର ବିଭିନ୍ନ ଅସୁବିଧା ତଥା ସରକାରଙ୍କ ବୈମାତୃକ ମନୋଭାବ ଓ ଅବହେଳା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ସଂଘର ସଭାନେତ୍ରୀ ବନାନୀ ମହାନାଏକ ସରକାରଙ୍କ କାର୍ଯ୍ୟଧାରା ଉପରେ ନିଜର ଅସନ୍ତୋଷ ପ୍ରକାଶ କରିବା ସହିତ ଆଗାମୀ ୧୬ ତାରିଖରେ ଜିଲା ସଦର ମହକୁମାରେ ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରା ଓ ମହାସମାବେଶକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ।

### ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା

**କୁଆମରା,୧୩।୧୧(ଡି.ଏନ୍.ଏ.)-** ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ପଞ୍ଚାୟତର ସିକିଡିଆ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ଦିବାରାତ୍ର ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦେଇଥିଲେ। ଦୀର୍ଘ ୨୦ ବର୍ଷ ହେଲା ଗ୍ରାମବାସୀଙ୍କ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି। କମିଟିର ସଭାପତି ଅଚ୍ୟୁତାନନ୍ଦ ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମାଇତି, ଉଜ୍ଜ୍ୱଳ କୁମାର ସେନ, ରଣଜିତ ଦେ, ବିଶ୍ୱଜିତ ଗନ୍ତାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୁରୁଜ ପ୍ରତିଯୋଗିତା

**ରାଇରଙ୍ଗପୁର,୧୩।୧୧(ଡି.ଏନ୍.ଏ.)-** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ମଙ୍ଗଳବାର ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ରାଇରଙ୍ଗପୁର ଶାଖା ପକ୍ଷରୁ 'ମୋ ଜଗନ୍ନାଥ' ଶୀର୍ଷକ ଏକ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ମାଉସୀ ମା' ମନ୍ଦିରଠାରୁ କଚେରି ପଡ଼ିଆ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇ ୨୫ଟି ମୁରୁଜ ପକାଇଥିଲେ। ଅତିଥି ଭାବେ ସ୍ଥାନୀୟ ବିଧାୟକ ନବ ଚରଣ ମାଝୀ ଏବଂ ଉପ ଜିଲାପାଳ ଧର୍ମାନନ୍ଦ ବେହେରା ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମୀ ଓ ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଶାଖାର ସଭାପତି ତିମିର ରଞ୍ଜନ ପଣ୍ଡା, ସମ୍ପାଦକ ରଞ୍ଜନ କୁମାର ନନ୍ଦ, ଉପଦେଷ୍ଟା ରାଧାଶ୍ୟାମ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଧରଖୁଣ୍ଟାରେ ନାମଯଜ୍ଞ

**ବଡ଼ସାହି,୧୩।୧୧(ସ୍ୱ.ପ୍ର)-** ବଡ଼ସାହି ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ବିଦ୍ୟାଧରଖୁଣ୍ଟାରେ ୧୨ତମ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅମୀୟ ପଟ୍ଟନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅପରାହ୍ନରେ ଦଧିବିକ୍ରି ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଲେଇପଦା ଚାମ୍ପିୟନ

**ଠାକୁରମୁଣ୍ଡା,୧୩।୧୧(ଡି.ଏନ୍.ଏ.)-** ମୟୂରଭଞ୍ଜ ଜିଲା କରଞ୍ଜିଆ ଷ୍ଟାଡିୟମରେ କରଞ୍ଜିଆ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଝାଡ଼ଖଣ୍ଡର ଖାରପୋଷ ଫୁଟବଲ ଟିମ୍‌କୁ ୩-୦ ଗୋଲରେ ପରାସ୍ତ କରି ବିଲେଇପଦାର ପଞ୍ଚସଖା ଫୁଟବଲ ଟିମ୍ ଚାମ୍ପିୟନ ହୋଇଛି। ଡା. ଜନାର୍ଦ୍ଦନ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ମୁଖ୍ୟ ଅତିଥି ଓ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରଭାକର ବାଗ ସିଂ ପୁରସ୍କାର ପ୍ରଦାନ କରିଥିଲେ। ଉତ୍କଳମଣି ବେହେରା, ଆକବର ଖାଁ, ଅନନ୍ତ ଚଟାର, ଅଭିମନ୍ୟୁ ତ୍ରିପାଠୀ, କଲ୍ୟାଣ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପୌର କାର୍ଯ୍ୟାଳୟରେ ଅଳିଆ ଫିଙ୍ଗିଲେ ସଫେଇ କର୍ମଚାରୀ


ପୌର କାର୍ଯ୍ୟାଳୟ ପରିସରରେ ପଡ଼ିଥିବା ଅଳିଆ।

## ଦରମା ନ ମିଳିବାରୁ ଅଭିନବ ପ୍ରତିବାଦ

**ବାରିପଦା ଅଫିସ,୧୩।୧୧**

ବାରିପଦା ପୌର ପରିଷଦର ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଦରମା ପ୍ରଦାନ ଦାବିରେ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ବୁଧବାର ସକାଳେ ପୌର କାର୍ଯ୍ୟାଳୟ ଭିତରେ ଅଳିଆ ଫିଙ୍ଗି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ଏହା ସହିତ ସହରର ପ୍ରମୁଖ ଛକଗୁଡିକରେ ରାସ୍ତା ଉପରେ ଅଳିଆ ପକାଇ ପ୍ରତିବାଦ ଜଣାଇଥିଲେ। ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୌର ଅଧିକାରୀ ଓ ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ବୁଧବାର ସନ୍ଧ୍ୟା ସୁଦ୍ଧା ସମସ୍ତଙ୍କୁ ଦରମା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦରମା ଦାବିରେ ମଙ୍ଗଳବାର ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ସଫେଇ କାର୍ଯ୍ୟ ଦାୟିତ୍ୱରେ ଥିବା ପୌର ପରିଷଦର କର୍ମଚାରୀଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ।

## ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଉ: ଭଞ୍ଜସେନା

**ବାରିପଦା ଅଫିସ,୧୩।୧୧**

ବାରିପଦା ସହରର ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ପ୍ରତି ପୌର କର୍ତ୍ତୃପକ୍ଷଙ୍କ ଲଗାମ ନାହିଁ। ଫଳରେ ସଫେଇ ସଂସ୍ଥା ସହରରେ ଠିକଭାବେ ସଫେଇ କାର୍ଯ୍ୟ କରୁନାହିଁ। ପୌର ପରିଷଦ ସହିତ ସଫେଇ ସଂସ୍ଥା କରିଥିବା ଚୁକ୍ତି ମୁତାବକ ମଧ୍ୟ କାର୍ଯ୍ୟ ହେଉନାହିଁ ବୋଲି ଭଞ୍ଜସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ପୌର ପରିଷଦର ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଦାସଙ୍କୁ ସାକ୍ଷାତ କରିଥିଲେ। ସହରରେ ଠିକ୍ ଭାବେ ସଫେଇ କରିବା ସହିତ ଚୁକ୍ତିକୁ ଅଣଦେଖା କରିଥିବା ସଂସ୍ଥା ବିରୋଧ କାର୍ଯ୍ୟାନୁଷ୍ଠାନ ସହିତ କଳା ତାଲିକା ଭୁକ୍ତ କରିବାକୁ ଦାବି କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହାର ସ୍ଥାୟୀ ସମାଧାନ ନ ହେଲେ ପୌର କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ସେନାର ସମ୍ପାଦକ ରାକେଶ ମହାନ୍ତି, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ସେଖ ରାଜା ଖାନ, ମୁକ୍ତି ଦତ୍ତ, ଏମଡି ଇସ୍ରାଏଲ ପ୍ରମୁଖ ପ୍ରମୁଖ ସାମିଲ ଥିଲେ।


ପୌର ଅଧିକାରୀଙ୍କ ସହିତ ଭଞ୍ଜସେନାର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ପୁଷ୍କରିଣୀ ସଫା କଲେ ଏମ୍‌କେସି ହାଇସ୍କୁଲ ଛାତ୍ର


ପୁଷ୍କରିଣୀ ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ ଓ ଛାତ୍ରମାନେ।

**ବାରିପଦା ଅଫିସ,୧୩।୧୧**

ବାରିପଦା ଏମକେସି ହାଇସ୍କୁଲର ଏନସିସି ଓ ସ୍କାଉଟ ଛାତ୍ରମାନଙ୍କ ଦ୍ୱାରା ସ୍ଥାନୀୟ ଚାପଲ ପୋଖରୀ ଓ ବଡ଼ ପୋଖରୀଠାରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ.ପ୍ରଜ୍ଞାପାରମିତା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରମାନେ ଉପରୋକ୍ତ ଦୁଇ ପୋଖରୀରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଜମା ହୋଇଥିବା ବିଭିନ୍ନ ପ୍ରକାରର ଡଙ୍ଗା, ସୋଲ, ପଲିଥିନ ଓ ଅନ୍ୟାନ୍ୟ ଆବର୍ଜନାକୁ ସଫା କରିଥିଲେ। ବିଦ୍ୟାଳୟର ଏନସିସି ଶିକ୍ଷକ ରାଜୀବ ଲୋଚନ ଜେନା, ସ୍କାଉଟ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ, ଭାରତ ଶିକ୍ଷା ରତ୍ନ ଅଭିତାଭ ମିଶ୍ର ପ୍ରମୁଖଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାମାଜିକ ଶୃଙ୍ଖଳା, ପରିବେଶ ସୁରକ୍ଷା ଦିଗରେ କରାଯାଇଥିବା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଠାକୁରମୁଣ୍ଡାରେ କେନ୍ଦୁଝର ଏମ୍‌ପିଙ୍କ ସମୀକ୍ଷା ବୈଠକ

**ଠାକୁରମୁଣ୍ଡା,୧୩।୧୧(ଡି.ଏନ୍.ଏ.)**

କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ବୁଧବାର ନିଜ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକ ଗସ୍ତରେ ଆସିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ବୈଠକରେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବିଡ଼ିଓ ବିଜୟ କୁମାର ନାୟକ, ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ, ଚିକିତ୍ସା ଅଧିକାରୀ ଦିବାକର ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର, ପାନୀୟ ଜଳ,ସ୍ୱାସ୍ଥ୍ୟ, ବିଦ୍ୟୁତ, କୃଷି, ଶିକ୍ଷା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଏମ୍‌ପି ମୁର୍ମୁ ଆଲୋଚନା କରିଥିଲେ। ପରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜୁଆଳିକଟାଠାରେ ଥିବା ଆଦିବାସୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ସବୁଜ ସୁନ୍ଦର ବାରିପଦା ପକ୍ଷରୁ ସଫେଇ

**ବାରିପଦା ଅଫିସ,୧୩।୧୧**

ବାରିପଦା ପୌର ପରିଷଦର ସଫେଇ କାର୍ଯ୍ୟରେ ନିୟୋଜିତ ସଫେଇ କର୍ମଚାରୀମାନେ ଦରମା ପ୍ରଦାନ ଦାବିରେ ମଙ୍ଗଳବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଛି। ଘଟଣାରେ ସମାଧାନ ହୋଇ ନ ଥିବା ବେଳେ ପୌର କର୍ତ୍ତୃପକ୍ଷ ମଧ୍ୟ ସହରର ସଫେଇ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି। ସାମାଜିକ ସଂଗଠନ ସବୁଜ ସୁନ୍ଦର ବାରିପଦା ପକ୍ଷରୁ ବୁଧବାର ସହରର ବିଭିନ୍ନ ସ୍ଥାନ ସଫେଇ କରାଯାଇଛି। ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ସହରର ଅମ୍ବିକା ମନ୍ଦିର ସମେତ ବିଭିନ୍ନ ଦେବାଳୟଗୁଡିକରେ ଅଳିଆ ଆବର୍ଜନା ପଡ଼ି ରହିଥିଲା। ଏହି ଅଳିଆଗୁଡ଼ିକୁ ସଂଗଠନର ଆବାହକ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାମାନେ ସଫା କରିଛନ୍ତି। ସଂଗଠନର ଏହି କାର୍ଯ୍ୟକୁ ସହରର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।


ସଂଗଠନର ଆବାହକ ଜିତେନ୍ଦ୍ର ମହାନ୍ତି ସଫେଇ କରୁଛନ୍ତି।

# ବାତ୍ୟା କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଲେ ବିଧାୟକ

**ବଡ଼ସାହି,୧୩।୧୧(ସ୍ୱ.ପ୍ର)**

ବିଧାୟକ ସନାତନ ବିଜୁଳି ବାତ୍ୟା ବୁଲ୍‌ବୁଲ୍ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବଡ଼ସାହି ବ୍ଲକର ଶାଳଗାଁ, ମାନଗୋବିନ୍ଦପୁର, ଚନ୍ଦନପୁର, ମାଣତ୍ରୀ, ଦେଉଳିଆ, ଭୀମିଦା ଓ ପଟିସାରୀ ପଞ୍ଚାୟତର ଚାଷଜମି ବୁଲି ଦେଖିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ବ୍ଲକର ଚାଷୀମାନେ ମୁଖ୍ୟତଃ ଧାନ ଫସଲ ଉପରେ ନିର୍ଭର କରନ୍ତି। ଅମଳ ପୂର୍ବରୁ ବାତ୍ୟା ଯୋଗୁ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି । କେଣ୍ଡା ବାହାରିବା ଓ ଫୁଲ ଉଡ଼ିବା ସମୟରେ ଧାନଗଛ ଧରାଶାୟୀ ହୋଇପଡ଼ିଛି। ୨ ଦିନ ଧରି ବର୍ଷା ଲାଗି ରହିବାରୁ ଧାନ କିଆରିରେ ପାଣି ଭର୍ତ୍ତି ହୋଇଛି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଅନେକ ପଞ୍ଚାୟତରେ ୪୦ରୁ ୫୦ ପ୍ରତିଶତ ଫସଲ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ ପୂର୍ବକ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ରୋଟାରୀ କ୍ଲବ ପକ୍ଷରୁ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଉଦଳା,୧୩।୧୧(ଡି.ଏନ୍.ଏ.)**

ଉଦଳା ରୋଟାରୀ କ୍ଲବ ପକ୍ଷରୁ ଏକ ଜଳଧାରା ପ୍ରକଳ୍ପ ଏବଂ ପୌଢ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଆନ୍ତର୍ଜାତିକ ରୋଟାରୀ ଗଭର୍ନର ଦେବାଶିଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ହାଇସ୍କୁଲ ପରିସରରେ ଏହି ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ରଙ୍କ ସମେତ ଅନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ଖୁଣ୍ଟା ବ୍ଲକର ବାହାଲଗଡି ଗ୍ରାମରେ ଏକ ପ୍ରୌଢଶିକ୍ଷା କେନ୍ଦ୍ର ମଧ ଉଦ୍‌ଘାଟିତ ହୋଇଛି । ଉଦଳା ରୋଟାରୀ କ୍ଲବର ସଭାପତି ଇଂ.ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ୩୨ ଜଣ ନିରକ୍ଷର ମହିଳାଙ୍କୁ ସ୍ୱାକ୍ଷର କରି ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ପଞ୍ଜୀକରଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ ଗଭର୍ନର ଶୁଭକାନ୍ତ ପାଢୀ, ଉଦଳା ରୋଟାରୀ କ୍ଲବର ଚେୟାରମ୍ୟାନ୍ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଦୁଇ ପ୍ରକଳ୍ପ ଉଦ୍‌ଘାଟନ ପରେ ସ୍ଥାନୀୟ ସ୍ନେହା ତୁଳସୀ କଲ୍ୟାଣମଣ୍ଡପରେ ଏକ ସଭାର ଆୟୋଜନ ହୋଇଥିଲା। ଉଦଳା ରୋଟାରୀ କ୍ଲବର ସଭାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।



ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ମୋହରିର ସଂଘର ଜିଲାସ୍ତରୀୟ ଅଧିବେଶନ

**ବାରିପଦା ଅଫିସ,୧୩।୧୧**

ବାରିପଦା ମୋହରିର ସଂଘର ଏକ ଜିଲାସ୍ତରୀୟ ଅଧିବେଶନ ସ୍ଥାନୀୟ ଷ୍ଟାଡିୟମ କନ୍‌ଫରେନ୍ସ ହଲ୍‌ରେ ବାରିପଦା ସଂଘ ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗ ଦେଇଥିଲେ। ରାଜ୍ୟ ମୋହରିର୍ ସଂଘ ସଭାପତି ତଥା କଲ୍ୟାଣ ପାଣ୍ଠି ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ରାଜ୍ୟ ସଂଘ ସମ୍ପାଦକ ଅତନୁ କୁମାର ଦାସ, କଲ୍ୟାଣ ପାଣ୍ଠି କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଓ ଜୋନାଲ୍ ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଓ କଲ୍ୟାଣ ପାଣ୍ଠି କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପରିଜା ଯୋଗଦେଇଥିଲେ। ରାଜ୍ୟ ଉପ-ସଭାପତି ସର୍ବେଶ୍ୱର ଶତପଥୀ ବିଭିନ୍ନ ଦାବି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘ ସଭାପତି ଶାନ୍ତନୁ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶତ୍ରୁଘ୍ନ ପ୍ରଧାନ ଅତିଥି ପରିଚୟ ଓ ବାରିପଦା ସଂଘ ସମ୍ପାଦକ ସଂଗ୍ରାମ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ରାଇରଙ୍ଗପୁର ସଂଘ ସଭାପତି ଦୁର୍ଗା ଚରଣ ମୁର୍ମୁ, ବହଳଦା ସଂଘ ସଭାପତି ମାନସିଂ ସୋରେନ, ଉଦଳା ସଂଘର ସଭାପତି ଉମାକାନ୍ତ ବେହେରା ଓ ବଳଭଦ୍ର ଦାସ ଯୋଗ ଦେଇଥିବା ବେଳେ ବେତନଟୀ ସଂଘ ସଭାପତି ନିରୋଜ କୁମାର ମହାନ୍ତି ଓ କରଞ୍ଜିଆ ସଂଘର ସମ୍ପାଦକ ଅନନ୍ତ ଚରଣ ଗାଗରାଇ ଓ ତାଙ୍କ ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ମୋହରିରମାନଙ୍କୁ ରାଜସ୍ୱ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପୀତାମ୍ବର ମଲ୍ଲିକ, ଚତୁର୍ଭୁଜ ପାତ୍ର, ମହାଦେବ ଦାସ, କୁଆଁର ମାଝୀ, ଧନୀରାମ ସୋରେନ, ପଦ୍ମଲୋଚନ ନନ୍ଦୀ, ଅନନ୍ତ ଚରଣ ଦାସ, ସୁଶାନ୍ତ କୁମାର ପାଢୀ, ଯତୀନ ଚନ୍ଦ୍ର ଗିରି, ତ୍ରିଲୋଚନ କମିଳା ପ୍ରମୁଖ ସହଯୋଗ କରିଥିଲେ। ସଂଘ ସମ୍ପାଦକ ସଂଗ୍ରାମ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**କପ୍ତିପଦା,୧୩।୧୧(ଡି.ଏନ୍.ଏ.)**

କପ୍ତିପଦା ଥାନା ନିକଟସ୍ଥ ଆଦିମାତା ପୀଠରେ ବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୀଠର ପ୍ରତିଷ୍ଠାତା ଗୋଲକ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ଯଦୁନାଥ ଶତପଥୀ, ଅନନ୍ତ ଶତପଥୀ ଏବଂ ତାଙ୍କ ସହଯୋଗୀ ବ୍ରାହ୍ମଣ ମଣ୍ଡଳୀ ବୈଦିକ ବିଧି ବିଧାନ ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା, ଚଣ୍ଡୀପାଠ ଓ ଗୀତା ପାଠ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀରେ ଏହି ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞର କର୍ତ୍ତାଭାବେ ପ୍ରମୋଦ କୁମାର ଦାସ, ରବୀନ୍ଦ୍ର ପ୍ରଧାନ କାର୍ଯ୍ୟ ସମ୍ପାଦନ କରିଥିଲେ। କପ୍ତିପଦା ସରପଞ୍ଚ ପ୍ରମୋଦ କୁମାର ସିଂଙ୍କ ସମେତ ବହୁବ୍ୟକ୍ତି ଯଜ୍ଞରେ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କରୁଣାକର ବିଶ୍ୱାଳ, ସୁରେନ୍ଦ୍ରନାଥ ସାହୁ, ପ୍ରଭାକର ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ସନ୍ତୋଷ କୁମାର ଭିତିରିଆ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଠିକାଦାର ସଂଘର ବିକ୍ଷୋଭ

**କପ୍ତିପଦା/ଉଦଳା/ଖୁଣ୍ଟା/କୁଆମରା, ୧୩।୧୧(ଡି.ଏନ୍.ଏ.)**

ନିଖିଳ ଓଡ଼ିଶା ଠିକାଦାର ସଂଘର ଆହ୍ୱାନ କ୍ରମେ ୧୦ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଏହିଅବସରରେ ବୁଧବାର ମୟୂରଭଞ୍ଜ ଜିଲାର ବିଭିନ୍ନ ତହସିଲ ସମ୍ମୁଖରେ ଠିକାଦାର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କପ୍ତିପଦା ବ୍ଲକ୍ ଠିକାଦାର ସଂଘ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ।

ଉଦଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଠିକାଦାର ଧାରଣାରେ ବସିଥିଲେ। ଠିକାଦାରମାନେ ବ୍ୟବହାର କରୁଥିବା ଡମ୍ଫର, ଟ୍ରାକ୍ଟର ଏବଂ ଟ୍ରକକୁ ମଧ୍ୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଛିଡ଼ା କରାଇଥିଲେ। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ନନ୍ଦକିଶୋର ବିନ୍ଧାଣୀ, ପ୍ରଭାତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସେହିପରି ଖୁଣ୍ଟା ଓ ଗୋପବନ୍ଧୁନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସମ୍ପାଦକ ପ୍ରଣୟ କୁମାର ଚୌଧୁରୀଙ୍କ ନେତୃତ୍ୱରେ ସଭ୍ୟମାନେ ଅଞ୍ଚଳରେ ଚାଲିଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ କରିଥିଲେ। ଖୁଣ୍ଟା ଓ ଗୋପବନ୍ଧୁ ନଗର ତହସିଲ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଗୋପବନ୍ଧୁ ନଗର ତହସିଲ ଆଗରେ ବିକ୍ଷୋଭ ବେଳେ ସଂଘର ପ୍ରଶାନ୍ତ କୁମାର ବେହେରା, ଶଶୀକାନ୍ତ ମହାପାତ୍ର, ଟନି ରାଉତ, ରାଜନ ମହାନ୍ତି, ରଣଜିତ ବାରିକ, ସୁଧାଂଶୁ ମହୁଆଳ, ମନୋଜ ରଥ, ମାନସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା ଆମକୁ ପ୍ରେରଣା ଦେଇଛି'

**ବଡ଼ସାହି,୧୩।୧୧(ସ୍ୱ.ପ୍ର)**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ମାଣତ୍ରୀଠାରେ ବାବା କଖାରୁଆ ବୈଦ୍ୟନାଥ ଯୁବକସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ବଡ଼ସାହି ବିଧାୟକ ସନାତନ ବିଜୁଳୀ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଜାତିର ସଂସ୍କୃତି ଓ ପରମ୍ପରା ଆମକୁ ପ୍ରେରଣା ଦେଇଛି। ବିଜ୍ଞାନ ଓ ଆଧୁନିକତା ସମ୍ବନ୍ଧରେ ଅଜ୍ଞ ଥାଇ ସାଧବ ପୁଅମାନେ ସାତ ସମୁଦ୍ର ତେର ନଈ ପାର ହୋଇ ବୋଇତରେ ବିଦେଶ ଯାଉଥିଲେ। ସେଠାରେ ବେପାର ବଣିଜ କରି ଉତ୍ପାଦିତ ଦ୍ରବ୍ୟ ପ୍ରତିବଦଳରେ ମୋତି ମାଣିକ ନେଇ ଓଡ଼ିଶାକୁ ଫେରୁଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘର ସଭାପତି ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ମୁଖ୍ୟବକ୍ତା ଭାବେ ସମାଜସେବୀ ଅର୍ଜ୍ଜୁନ ଦଳେଇ, ସମ୍ମାନନୀୟ ଅତିଥି ଭାବେ ବଡ଼ସାହି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ଯୋଗ ଶିକ୍ଷୟିତ୍ରୀ ବେବି ନାନୀ ଓ ମାଣତ୍ରୀ ପଞ୍ଚାୟତର ସରପଞ୍ଚ ମହାଦେବ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବିଚିତ୍ରାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସଦସ୍ୟ କୀରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି ବୃନ୍ଦ।

**ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ**

## ସଂକ୍ଷେପରେ

### ଡାକ୍ତରଖାନାରେ ଲାଞ୍ଚ: ଭିଡିଓ ଭାଇରାଲ

**ଘସିପୁରା, ୧୩।୧୧(ଡି.ଏନ.ଏ.):** ଆନନ୍ଦପୁରର ଉପଖଣ୍ଡ ଡାକ୍ତରଖାନାରେ ଲାଞ୍ଚ ମଗାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଜଣେ ବ୍ୟକ୍ତି ସୋସିଆଲ ମିଡ଼ିଆରେ ଏକ ଭିଡିଓ ଭାଇରାଲ କରିଛନ୍ତି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଘସିପୁରା ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀଙ୍କ ପ୍ରସବ ବେଦନା ହେବାରୁ ତାଙ୍କୁ ଗତ ୭ ତାରିଖରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିଛି ଘଣ୍ଟା ବ୍ୟବଧାନରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଡାକ୍ତରଖାନାରୁ ଡିସଚାର୍ଜ ସମୟରେ ଆଶାକର୍ମୀ ଜଣଙ୍କ ଦିଦି କିଛି ଖର୍ଚ୍ଚ ମାଗୁଛନ୍ତି ବୋଲି କହିଥିଲେ। ବାଧ ହୋଇ ତାଙ୍କ ମା'ଜଣେ ନର୍ସଙ୍କୁ ୧ ଶହ ଟଙ୍କା ଦେଇଥିଲେ। ଏହାର ତଦନ୍ତ ପାଇଁ ସେ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏନେଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଧନେଶ୍ୱର ସେଠୀଙ୍କୁ ପଚାରିବାରୁ, ଲିଖିତ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଖାସି ଚୋରକୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଲେ

**କେନ୍ଦୁଝର, ୧୩।୧୧(ସ୍ୱ.ପ୍ର.)**-ଟାଉନ ଥାନା ଅନ୍ତର୍ଗତ ବଡହଲ ଗ୍ରାମରେ ଜଣେ ଅଟୋ ଚାଳକ ସମେତ ଜଣେ ଖାସି ଚୋରକୁ ଧରି ପୋଲିସ ଜିମା ଦେଇଛନ୍ତି। ଅନ୍ୟ ଜଣେ ଗ୍ରାମବାସୀଙ୍କ କବଳରୁ ଖସି ପଳାଇଥିବାରୁ ପୋଲିସ ତାଙ୍କୁ ଖୋଜୁଛି। ପ୍ରକାଶ ଯେ ସ୍ଥାନୀୟ କମାରଗୋଡା, ବଡହଲ, ବଣିଆପାଟ ଆଦି ଅଞ୍ଚଳର କିଛି ଦିନ ହେଲା ଖାସି ଚୋରି ହେଉଥିବାରୁ ଲୋକ ମାନେ ଚିନ୍ତାରେ ଥିଲେ। ବୁଧବାର ଅପରାହ୍ନରେ ଜଣେ ଅଟୋ ଚାଳକଙ୍କ ସମେତ ଅନ୍ୟ ୨ ଜଣ ବ୍ୟକ୍ତି ଅଟୋରେ ଆସି ଏକ ଖାସିକୁ ଉଠାଇ ନେଇ ପଳାଇଯାଉଥିବା ବେଳେ ଗ୍ରାମବାସୀ ଜଣଙ୍କୁ ଧରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଫେରାର ହୋଇଯାଇଥିବାବେଳେ ସମ୍ପୃକ୍ତ ଅଟୋ ଚାଳକଙ୍କୁ ଗ୍ରାମବାସୀ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରି ସବୁ କଥା ଆଦାୟ କରିଥିଲେ। ପରେ ଟାଉନଥାନା ପୋଲିସକୁ ଜିମା ଦେଇଥିଲେ। ତେବେ ଅଟୋ ଚାଳକ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ଭଡାରେ ଛେଳି ନେବା ଆସିଥିବା କହିଥିଲେ। ପୋଲିସ ଏହି ଘଟଣାରେ ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ସାରି ସହରାଇ ପର୍ବ ପାଳିତ

**ରାଇସୁଆଁ, ୧୩।୧୧ (ଡି.ଏନ.ଏ.)**-ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ଗ୍ରାମର କଣିରା ଗ୍ରାମର କାଲୁ ସାହିଠାରେ ସାରିସହରାଇ ପର୍ବପାଳିତ ହୋଇଯାଇଛି। ଏହି ପର୍ବରେ ଗ୍ରାମର ମୁଖିଆ ଡାକ୍ତର ହାଁସଦା ଏବଂ ଗ୍ରାମର ଦେହୁରି ଦାସମାତ ସୋରେନ ପ୍ରମୁଖଙ୍କ ସହିତ ଗ୍ରାମବାସୀ ଗ୍ରାମର ଠାକୁରାଣୀ ଶାଳରେ ପୂଜାର୍ଚ୍ଚନା କରି ଠାକୁରାଣୀଙ୍କ ନିକଟରେ ଭୋଗ ଲଗାଇବା ସହିତ ଗ୍ରାମରେ ଗୋଠ ପୂଜା କରିଥିଲେ। ପରେ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ ସଭିଏଁ ନୃତ୍ୟ ଗୀତ ପରିବେଷଣ କରିଥିଲେ।

### 'ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ଦିଅ'

**ବାହାନଗା, ୧୩।୧୧(ଡି.ଏନ.ଏ.)**-ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ବାତ୍ୟା ଜନିତ ବ୍ୟାପକ କ୍ଷତି ଘଟିଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ତରଫରୁ ସ୍ଥାନୀୟ ତହସିଲଦାରଙ୍କ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଚାଷୀଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ବାହାନଗା ତହସିଲଦାରଙ୍କ ଅନୁପସ୍ଥିତରେ ମୁଖ୍ୟ କିରାଣିଙ୍କୁ ଦାବିପତ୍ର ଦିଆଯାଇଥିଲା। ସି.ପି.ଆଇ.(ଏମ)ର ପଥରପେଣ୍ଡ ପଞ୍ଚାୟତର ଶିବପ୍ରସାଦ ଦାସ, ବାହାନଗା ବ୍ଲକର ଶୁଶାନ୍ତ କୁମାର ଯେନା, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଯୋଗା ନନ୍ଦ ଦାଶ, ଶ୍ରୀକାନ୍ତ ସାହୁ,ଗୋପାଳପୁରର ଜର୍ନାଦନ ନାୟକ,ବୈଦ୍ୟନାଥ ଶଙ୍ଖୁଆ, କାର୍ତ୍ତୀକ କୁମାର ଯେନା ପ୍ରମୁଖ ଉପସ୍ଥିତ ଥିଲେ।

### ଓଡଶାଳ ପଞ୍ଚାୟତର ନୂତନ ଗୃହ ନିର୍ମାଣ ଲାଗି ଭୂମିପୂଜା

**ବାହାନଗା, ୧୩।୧୧(ଡି.ଏନ.ଏ.)**-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ଗ୍ରାମର ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ସୋର ବିଧାୟକ ପର୍ଶୁରାମ ଧଡା ଗତ ସୋମବାର ଭୂମିପୂଜା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ଅନିରୁଦ୍ଧ ବାରିକ୍, ସବିତା ଅଗସ୍ତି, ଅଶ୍ୱନୀ ମହାପାତ୍ର, ବେଣୁଧର ଯେନା, ଓଡଶାଳ ପଞ୍ଚାୟତର ସରପଞ୍ଚ ଆରତୀ ଦଳେଇ, ଯଦୁନାଥ ମିଶ୍ର, ରଘୁନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ବିଧାୟକ ଧଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇବା ସହିତ ଓଡଶାଳ ପଞ୍ଚାୟତ ନୂତନ ଗୃହ ପାଇଁ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇ ଥିଲେ। ଶେଷରେ ଅନିରୁଦ୍ଧ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀଙ୍କୁ ମିଳୁନି ପିଡିଏସ୍ ସାମଗ୍ରୀ

**ଯୋଡ଼ା, ୧୩।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଗରିବ ଲୋକମାନେ ସରକାରଙ୍କ ଖାଦ୍ୟ ଯୋଜନାରେ ବାଦ୍‌ପଡି ଅଭାବ ଅନଟନରେ ଦିନ ବିତାଉଥିବା ଦେଖିବାକୁ ମିଳିଛି। ରାଶନ କାର୍ଡ ଥାଇ ମଧ୍ୟ କେତେକ ଲୋକ ସାଧାରଣ ବଣ୍ଟନ (ପିଡିଏସ୍) ସାମଗ୍ରୀରୁ ବଞ୍ଚିତ ହେଉଛନ୍ତି। ହିତାଧିକାରୀଙ୍କ ସହିତ ଥିବା ପରିବାରର ଅନ୍ୟ ସଦସ୍ୟମାନଙ୍କର ରାଶନକାର୍ଡ ସହିତ ଆଧାରକାର୍ଡ ସଂଯୋଗ ହୋଇ ନ ପାରିବାରୁ ସେମାନଙ୍କୁ ଚାଉଳ, ଗହମ ଓ କିରୋସିନ୍ ମିଳୁନାହିଁ। ରାଶନକାର୍ଡ ସହିତ ଆଧାରକାର୍ଡ ସଂଯୋଗ କରାଯିବାର ନିୟମ ହେବା ପରେ ବହୁ ଗରିବ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଉଥିବା ଜଜାଙ୍ଗ ପଞ୍ଚାୟତର ଗୁରୁତୁଆଁ ଗ୍ରାମର ଆଦିବାସୀ ମହିଳା ସୁନୀତା ମୁଣ୍ଡା, ଗୀତା ମୁଣ୍ଡା ଓ ଶାନ୍ତି ମୁଣ୍ଡା ଅଭିଯୋଗ କରିଛନ୍ତି।


ରାଶନକାର୍ଡ ଅଭିଯୋଗକାରୀ।

ସେମାନେ ଅଭିଯୋଗ କରି କହିଛନ୍ତି ଯେ, ସେମାନଙ୍କ ରାଶନକାର୍ଡରେ ଉଲ୍ଲେଖ ଥିବା ସଦସ୍ୟଙ୍କ ନାମରେ ସେମାନେ ଖାଦ୍ୟ ସାମଗ୍ରୀ ପାଉଥିଲେ। ମାତ୍ର ରାଶନକାର୍ଡ ସହିତ ଆଧାର ସଂଯୋଗ ନିୟମ ହେବା ପରେ ଦୀର୍ଘ ୫ ମାସ ହେବ ପରିବାରର କେତେକ ସଦସ୍ୟଙ୍କ ନାମ ଖାଦ୍ୟ ତାଲିକାରୁ ବାଦ୍ ପଡିଛି। ଦିନ ମଜୁରିଆ, ଦାନ୍ତକାଠି, ଶାଳପତ୍ର ବିକି ଚଳୁଥିବାରୁ ପ୍ରତିମାସ ଭଡ଼ା କରି ବାରମ୍ବାର ଯୋଡ଼ା ବ୍ଲକ କାର୍ଯ୍ୟାଳୟକୁ ଯିବା ସେମାନଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇପଡିଛି। ଆଧାରକାର୍ଡର ଅବିକଳ ନକଲ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦେଇଥିଲେ ହେଁ, ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଖାଦ୍ୟସାମଗ୍ରୀ ମିଳୁନାହିଁ। ଏ ସମ୍ପର୍କରେ ସେମାନେ ପଞ୍ଚାୟତରେ ଜଣାଇବାରୁ ଖାଦ୍ୟ ସାମଗ୍ରୀ ବଣ୍ଟନକାରୀ ସଂସ୍ଥା ପକ୍ଷରୁ, ଯୋଡ଼ା ବ୍ଲକ ଯୋଗାଣ ନିରୀକ୍ଷକଙ୍କଠାରୁ ଏକ ଲିଖିତ ସହମତି ପତ୍ର ଆଣିଲେ ସାମଗ୍ରୀ ଦିଆଯିବ ବୋଲି କୁହାଯାଇଥିଲା। ବାରମ୍ବାର ଏଥିଲାଗି ଗଲେ ମଧ୍ୟ ବ୍ଲକରେ ଥିବା ଅଧିକାରୀମାନେ ସେମାନଙ୍କ ଗୁହାରିକୁ ଶୁଣୁ ନାହାନ୍ତି। ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଧାରକାର୍ଡ ସଂଶୋଧନ କରି ଆଣିବାକୁ କୁହାଯାଉଥିଲେ ହେଁ, ବ୍ଲକରେ ଥିବା ଆଧାର କେନ୍ଦ୍ରଟି ଅନେକ ସମୟରେ ବନ୍ଦ ରହୁଛି। ଯୋଡ଼ା ବିଡିଓ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେମାନେ କହିଛନ୍ତି। ଏ ସମ୍ପର୍କରେ ଯୋଡ଼ା ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ତେଣେ ଯୋଡା ବ୍ଲକକୁ ନୂତନ ବିଡିଓ ବୁଧବାର ଆସିଥିବାରୁ ତାଙ୍କଠାରୁ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା।

# ୨୪ଘଣ୍ଟା ପରେ ବ୍ୟବଚ୍ଛେଦ ହେଲା ଆର୍‌ଟିଓ କର୍ମଚାରୀଙ୍କ ମୃତଦେହ

**କେନ୍ଦୁଝର, ୧୩।୧୧(ସ୍ୱ.ପ୍ର.)**

କେନ୍ଦୁଝର ପୁରୁଣା ସହର ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ଯାନବାହନ ଯାଞ୍ଚ କରାଯାଉଥିବାବେଳେ ଏକ ଟ୍ରକ ମାଡ଼ିଯିବାରୁ ଜଣେ ଆରଟିଓ କର୍ମଚାରୀ ବିଜୟ ମହାନ୍ତଙ୍କ ମୃତ୍ୟୁ ଘଟିଥିଲା। ସେ ଆର୍‌ଟିଓରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସକାଳେ ମୃତ୍ୟୁବରଣ କରିଥିବା ବିଜୟଙ୍କ ମୃତଦେହ ବ୍ୟବଚ୍ଛେଦ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ହୋଇଛି। କ୍ଷତିପୂରଣ ଦାବିରେ ମୃତ ଚାଳକଙ୍କ ପରିବାର ଓ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ କରିବାକୁ ମଙ୍ଗଳବାର ଦେଇ ନ ଥିଲେ। ଫଳରେ ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା। ବୁଧବାର ଏନେଇ ଆରଟିଓ ବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଆପୋସ ବୁଝାମଣା ହେବା ପରେ ବିବାଦର ସମାଧାନ ହୋଇଥିଲା। ବୁଝାମଣା ଅନୁଯାୟୀ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବା ସହ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦେବେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏନେଇ ଟାଉନ ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି ଯେ, ଆପୋସ ବୁଝାମଣା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାକୁ ନେଇ ମାମଲା ରୁଜୁକରି ତଦନ୍ତ ଚାଲିଛି।

ଅନ୍ୟପକ୍ଷେ ଅଦ୍ୟାବଧି ଦୁର୍ଘଟଣା ଘଟାଇଥିବା ଲୁହାପଥର ବୋଝେଇ ଟ୍ରକର ପତ୍ତା ମିଳିନାହିଁ। ବିନା ସୁରକ୍ଷା ବ୍ୟବସ୍ଥାରେ ଓ ଛୁଟି ଦିନରେ ଜଣେ ଜୁନିୟର ଏମଭିଆଇ କିପରି ଗାଡି ଯାଞ୍ଚ କରିବାକୁ ଗଲେ ଏବଂ ଗାଡି ଚାଳକକୁ ଯାଞ୍ଚ ପାଇଁ ଅଟକାଇବାକୁ କହିଲେ ତାହା ତଦନ୍ତ ସାପେକ୍ଷ। ଏସମ୍ପର୍କରେ କେନ୍ଦୁଝର ଆରଟିଓ ନିର୍ମଳ ମହାନ୍ତି କହିଛନ୍ତି ଯେ, ସେ ଆନନ୍ଦପୁର କ୍ୟାମ୍ପକୁ ଯାଉଥିଲେ। ତେବେ ଶିରିଶପାଳ ନିକଟରେ ରାସ୍ତାରେ ଓହ୍ଲାଇଥିଲେ। ହଠାତ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଯାଉଥିବା ଟ୍ରକ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା।

## ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର


କଲେଜ ଗେଟ ସମ୍ମୁଖରେ ଛାତ୍ରୀଛାତ୍ର ଆନ୍ଦୋଳନ କରୁଛନ୍ତି।

**କେନ୍ଦୁଝର, ୧୩।୧୧(ଡି.ଏନ୍.ଏ.)** କେନ୍ଦୁଝରଠାରେ ଥିବା ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ବିଭିନ୍ନ ଦାବିପୂରଣ ନେଇ ଛାତ୍ରୀଛାତ୍ର ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିପୂର୍ବରୁ ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ର ଏନ୍‌ଓୟୁ ରେଜିଷ୍ଟ୍ରାରଙ୍କୁ ଘେରାଉ କରିଥିଲେ। ପ୍ରତିଶ୍ରୁତି ମୁତାବକ ନଭେମ୍ବର ୧ ତାରିଖ ସୁଦ୍ଧା ସମସ୍ତ ଦାବିପୂରଣ ନେଇ ବିଭାଗୀୟ ଉଚ୍ଚ ପଦାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ଅଣଦେଖା କରିଥିଲେ। ନଭେମ୍ବର ୬ ତାରିଖରେ ପୁନର୍ବାର ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ କର୍ତ୍ତୃପକ୍ଷ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଛାତ୍ରୀଛାତ୍ର ମୁଖ୍ୟ ଗେଟରେ ତାଲା ପକାଇ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରୀ ରହିବ ବୋଲି ରଶ୍ମିରଞ୍ଜନ ପଣ୍ଡା, ସନ୍ଦୀପ ନାୟାର, ଧ୍ୱନୀତା ମେହେଟା, ଶୁଭମ ଜେନା ପ୍ରମୁଖ ପ୍ରକାଶ କରିଛନ୍ତି।

## ଆକ୍ରମଣରେ ଯୁବକ ଗୁରୁତର

**ଚମ୍ପୁଆ, ୧୩।୧୧(ଡି.ଏନ.ଏ.)** ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁରଠାରେ ଦୋକାନ ବାକିପଇସା ମାଗିବାରୁ ଦୋକାନୀଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରି ଫେରାରଥିବା ଚମ୍ପୁଆ ଥାନା ପକ୍ଷରୁ ପ୍ରକାଶ। ନାରଦପୁର ଠାରେ ଦୋକାନ କରିଥିବା ପରୀକ୍ଷିତ ନାଏକ ଦୋକାନରେ ଥିବା ସମୟରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି କିଛି ଜିନିଷ ମାଗିଥିଲେ। ପୂର୍ବ ବାକି ପଇସା ଦେବା ପାଇଁ ପରୀକ୍ଷିତ କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାପରେ ସମ୍ପୃକ୍ତ ବ୍ୟକ୍ତି ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ପରୀକ୍ଷିତଙ୍କ ବାପା ଗୌତମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୧୫୫/୧୯) ରୁଜୁକରି ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରିରଖିଥିବା ସୂଚନା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ।

## ୫୫ ଗ୍ରାମ ସୁନା ସହ ୧୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

**ଘଟଗାଁ, ୧୩।୧୧(ଡି.ଏନ୍.ଏ.)** ଘଟଗାଁ ମା' ତାରିଣୀ ଠାକୁରାଣୀଙ୍କୁ ଦାନ ଅର୍ଥ ଭକ୍ତଙ୍କ ଦ୍ୱାରା ମିଳୁଥିବା ଓ ମନ୍ଦିର ପରିସରରୁ ୧୨ ଗୋଟି ହୁଣ୍ଡି ବୁଧବାର ଖୋଲାଯାଇ ଗଣତି କରାଯାଇଥିଲା। ଏଥିରୁ ନଗଦ ଅର୍ଥ ୧୧ଲକ୍ଷ ୫୨ ହଜାର ୭ଟଙ୍କା ମିଳିଥିବାବେଳେ ସୁନା ଅଳଙ୍କାର ୫୫ ଗ୍ରାମ ୮୩୦ ମିଲିଗ୍ରାମ ଓ ରୂପା ଅଳଙ୍କାର ୯୬୧ ଗ୍ରାମ ୪୬୦ ମିଲିଗ୍ରାମ ମିଳିଥିଲା। ଦିନ ୧୧ଟାବେଳେ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ମନ୍ଦିର ପରିଚାଳନାବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ଟ୍ରଷ୍ଟବୋର୍ଡ଼ ସଦସ୍ୟ ଆନନ୍ଦ ଚନ୍ଦ୍ର ସିଂହ, କ୍ଷୀରୋଦ ପ୍ରସାଦ ଦାସ, ନିର୍ମଳ କୁମାର ମହାନ୍ତି, ଦୟାନିଧି ମହାନ୍ତ, ବଳଭଦ୍ର ନନ୍ଦ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ପୋଲିସ୍ କର୍ମଚାରୀଙ୍କ ଉପସ୍ଥିତିରେ ବେଢ଼ା ମଧ୍ୟରେ ଥିବା ଦାନବାକ୍ସ (ହୁଣ୍ଡି)ଗୁଡ଼ିକ ଖୋଲି ଗଣତି ପାଇଁ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି


ହୁଣ୍ଡିରୁ ଦାନ ଅର୍ଥ ଗଣା ଚାଲିଛି।

**ତାରିଣୀଙ୍କ ହୁଣ୍ଡି ଗଣତି**

ଗଣତି କାର୍ଯ୍ୟରେ ମନ୍ଦିର ଆକାଉଣ୍ଟାଣ୍ଟ ଅକ୍ଷୟ କୁମାର ବେହେରା, କର୍ମଚାରୀ ହରେକୃଷ୍ଣ ପଲେଇ, ଶରତ ବେହେରା, ଅବନୀ କୁମାର ଜେନା, ପ୍ରାଣବନ୍ଧୁ ସରାଡିଆ, ମହେଶ୍ୱର ଦେହୁରୀ, ମହେଶ୍ୱର ସାହୁ, ରଞ୍ଜନ କୁମାର ସାହୁ, ହରିହର ମହାନ୍ତ, ଅରୁଣ କୁମାର ନାଏକ, ରମେଶ ଚନ୍ଦ୍ର ରାଉତ, ନାରାୟଣ ମୁଖୀ, ଯାଦବ ହାତୀ, ଚକ୍ରଧର ନାଏକ, ପ୍ରଦୀପ ନାଏକ, ପରମେଶ୍ୱର ବଳ, ବାବୁଲା ସା, କଳ୍ପତରୁ ରାଉତ, ପୋଲିସ କର୍ମଚାରୀ ଓ ଷ୍ଟେଟ୍‌ବ୍ୟାଙ୍କ ଘଟଗାଁ ଶାଖା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗଣତି କାର୍ଯ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା।

## ବୋଇତ ବନ୍ଦାଣ ସମାରୋହରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରେମୁଣା, ୧୩।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ସାଂସ୍କୃତିକ ପରିଷଦର ୩୬ତମ ବୋଇତ ବନ୍ଦାଣ ଉତ୍ସବ ରେମୁଣା ବଜାର ହାଣ୍ଡି ହାଟ ନିକଟ ନ୍ୟୁ ଲକ୍ଷ୍ମୀ ମାର୍କେଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ହାଇସ୍କୁଲ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ଅପୂର୍ବା ଅଙ୍କିତା ନାୟକ ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ନାଥ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ରବିନାରାୟଣ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି, ସାହିତ୍ୟିକା ମମତା ମହାପାତ୍ର ମୁଖ୍ୟବକ୍ତା ଏବଂ ପ୍ରିନ୍ସ କଲେଜର ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ଏବଂ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ବିଶ୍ୱାଳ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ବୋଇତ ବନ୍ଦାଣ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭ୍ୟ ଡ. ଭାଗବତ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁ ମାନପତ୍ର ପାଠ କରିଥିଲେ। ମାଧବାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## କ୍ଷୀରଚୋରା ବୋଇତ ବନ୍ଦାଣ ସମିତିର ଉତ୍ସବ

**ରେମୁଣା, ୧୩।୧୧(ଡି.ଏନ.ଏ.)**– ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ଷୀରଚୋରା ବୋଇତ ବନ୍ଦାଣ ସମିତିର ଏହି ୫୬ତମ ବୋଇତ ବନ୍ଦାଣ ଉତ୍ସବରେ ସମିତିର ସଭାପତି ଇଂ. ଗୋପୀନାଥ ରଣା ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ କବି ଶ୍ରୀଦେବ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ମନ୍ମଥ କୁମାର ପ୍ରଧାନ ଏବଂ ସମ୍ମାନନୀୟ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟର ଇତିହାସ, ସାମ୍ପ୍ରତିକ ସମାଜର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ କମଳାକାନ୍ତ ଦାସ ବିବରଣୀ ପାଠ କରିଥିଲେ। ବ୍ରଜ ନାରାୟଣ ଷଡ଼ଙ୍ଗୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଷ୍ଣୁପଦ ପଣ୍ଡାଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ ପ୍ରଦାନ କରାଯିବା ସହ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଚିନ୍ମୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନେତାଜୀ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ

## ଦ୍ୱିତୀୟ ସେମିରେ କଟକ ମା' ମଙ୍ଗଳା ବିଜୟୀ

**ଖଇରା, ୧୩।୧୧(ଡି.ଏନ.ଏ.)**

ନେତାଜୀ କ୍ଲବ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଚାନ୍ଦଗୋଛି ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଜିଲା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ସେମି ଫାଇନାଲରେ କଟକର ମା' ମଙ୍ଗଳା କ୍ଲବ କେନ୍ଦ୍ରାପଡା କ୍ଲବକୁ ୪-୨ ଗୋଲରେ ପରାସ୍ତ କରିଛି। ମ୍ୟାଚରେ ଜିତେନ୍ଦ୍ର ପ୍ରସାଦ ବାରିକ ଓ ରିଆଜୁ କାଦିର ରେଫେରି ଦାୟିତ୍ୱ ତୁଲାଇ ଥିଲେ। ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ବହୁ ପ୍ରତିକ୍ଷିତ ଫାଇନାଲ ମ୍ୟାଚରେ ପ୍ରଥମ ସେମିଫାଇନାଲର ବିଜେତା ବାଲେଶ୍ୱରର ରାଜଘାଟ ଟିମ୍ ଓ ମଙ୍ଗଳବାରର ବିଜେତା ମା' ମଙ୍ଗଳାକ୍ଲବକୁ ଭେଟିବ। ନେତାଜୀ କ୍ଲବର ସଭାପତି ଅରୁଣ କୁମାର ପାଢୀ ଓ ସମ୍ପାଦକ ଦାମୋଦର ବେହେରାଙ୍କ ସମେତ ସମସ୍ତ ସଭ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ


କ୍ଲବର କର୍ମକର୍ତ୍ତାଙ୍କ ଗହଣରେ ୨ଦଳର ଖେଳାଳି।

## ସଂସ୍କୃତି ସମ୍ପର୍କ ସନ୍ଦେଶ ଯାତ୍ରା

**ବାଲେଶ୍ୱର ଅଫିସ, ୧୩।୧୧**

କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ବାଲେଶ୍ୱରର ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ଓ ଏହା ସହ ଉତ୍ତର ପିଢ଼ିକୁ ଯୋଡ଼ିବା ପାଇଁ ସୁନହଟ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ପ୍ରୟାସ କରାଯାଇଥିଲା। ଏଥିଲାଗି ସଚେତନା ସୃଷ୍ଟି ଲାଗି ସଂସ୍କୃତି ସମ୍ପର୍କ ସନ୍ଦେଶ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସୁନହଟ୍‌ରୁ ଛାତ୍ରୀଛାତ୍ରମାନେ ସାଧବପୁଅ ବେଶରେ ଶୋଭାଯାତ୍ରାରେ ବାହାରି ଗଡ଼ଗଡ଼ିଆ ପୋଖରୀ ତୁଠରେ ପହଞ୍ଚି ଥିଲେ। ଗଡ଼ଗଡ଼ିଆ ଘାଟରେ ସେମାନେ ଓଡ଼ିଆ ସାଧବ ପୁଅଙ୍କ ବୋଇତର ପ୍ରତୀକ ସୋଲ ଡଙ୍ଗା ଭସାଇଥିଲେ। ଏହି ଅବସରରେ ଗଡ଼ଗଡ଼ିଆ ଦୁର୍ଗାପୂଜା କମିଟି ପକ୍ଷରୁ ସନ୍ଦେଶ ଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟାଉନ ଥାନା ଅଧିକାରୀ ସରୋଜିନୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସୁନହଟ୍ ବୋଇତ ବନ୍ଦାଣ ଉତ୍ସବ କମିଟି ସଭାପତି ଡା. ଶାନ୍ତନୁ ଦାସ, ସମ୍ପାଦକ ସାହିରୁଲ ହକ୍ ଓ ଗଡ଼ଗଡ଼ିଆ ଦୁର୍ଗାପୂଜା କମିଟିର ସଭାନେତ୍ରୀ ସଂଘମିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କବିବର ରାଧାନାଥ ରାୟ ତାଙ୍କ ରଚିତ କାବ୍ୟରେ ଅତୀତର ଶୋଣିତପୁର ସମ୍ପର୍କରେ ଉଲ୍ଲେଖ କରିଯାଇଛନ୍ତି, ଯାହା ଏବେ ସୁନହଟ୍ ନାମରେ ପରିଚିତ ହୋଇଛି। ସେହିପରି କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ଓ ମଧୁସୂଦନ ଦାସ ବାଲେଶ୍ୱର ସହରର ଗଡ଼ଗଡ଼ିଆ ପୋଖରୀ ଘାଟ ନିକଟରେ ସାହିତ୍ୟ ଆଲୋଚନା କରୁଥିବା ସମ୍ପର୍କରେ ତଥ୍ୟ ରହିଛି। ଏହି ଦୁଇ ଐତିହାସିକ ସ୍ଥାନ ସମ୍ପର୍କରେ ସନ୍ଦେଶ ଯାତ୍ରା ଅବସରରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା।


ଗଡ଼ଗଡ଼ିଆ ପୋଖରୀ ତୁଠରେ ସାଧବପୁଅ ବୋହୂ ବେଶରେ ସୁସଜ୍ଜିତ ଛାତ୍ରୀଛାତ୍ର।

# 'ଅତୀତର ଗୌରବ ଆଗକୁ ବଢ଼ିବାର ପ୍ରେରଣା ଦିଏ'

**ବାଲେଶ୍ୱର ଅଫିସ/ ଭୋଗରାଇ/ ଜଳେଶ୍ୱର/ରେମୁଣା/ ସୋର/ ଖଇରା, ୧୩।୧୧–**

ନୌବାଣିଜ୍ୟ ଐତିହ୍ୟକୁ ମନେ ପକାଇ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଭଳି ବିବିଧ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। କେତେକ ସ୍ଥାନରେ ଏକାଧିକ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସୂଚନା ମିଳିଛି। ଅତୀତର ଗୌରବ ଆମକୁ ଆଗକୁ ବଢିବାରେ ପ୍ରେରଣା ଦିଏ ବୋଲି ବୋଇତ ବନ୍ଦାଣ ସମାରୋହରେ ମତ ପ୍ରକାଶ ପାଇଥିଲା।

ମଙ୍ଗଳବାର ପ୍ରତ୍ୟୁଷରେ ସମୁଦ୍ରକୂଳଠାରୁ ଆରମ୍ଭ କରି ନଈତୁଠ, ପୋଖରୀ ଓ ଅନ୍ୟ ଜଳାଶୟରେ ଭକ୍ତମାନେ ବୁଡ ପକାଇ ଡଙ୍ଗା ଭସାଇଥିଲେ। ବିଭିନ୍ନ ସ୍ଥାନରେ ଭଜନକୀର୍ତ୍ତନ, ପ୍ରବଚନ ଭଳି କାର୍ଯ୍ୟକ୍ରମ ଆୟୋଜନ ପରିବେଶକୁ ଉତ୍ସବମୁଖର କରିଥିଲା। ବାଲେଶ୍ୱର ସହରସ୍ଥିତ ମଠସାହି ଛତୁଆ ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ମୁଖ୍ୟଅତିଥି ଏବଂ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ନୌବାଣିଜ୍ୟ ଐତିହ୍ୟ ଉପରେ ଆଲୋକପାତ କରି ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ। ସଂଗଠନର ସଭାପତି ମନୋଜ କୁମାର ରାଉତ ସଭାପତିତ୍ୱ କରିଥିଲେ। ସଂଗଠନର ସମ୍ପାଦକ ରମେଶ ନାୟକ, କୋଷାଧ୍ୟକ୍ଷ ପ୍ରାଣକୃଷ୍ଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ସମୁଦ୍ରକୂଳ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ପନ୍ତେଇଘାଟରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ପୂଜା ସହିତ ଉତ୍କଳୀୟ ନୌବାଣିଜ୍ୟର ପରମ୍ପରାକୁ ମନେ ପକାଇ ଡଙ୍ଗା ଭସାଇଥିଲେ। ବହୁ ବ୍ରତାଚାରୀ ମହିଳା ସୁଶୋଭିତ ଶୋଭାଯାତ୍ରାରେ ଆସି ଅପରାହ୍ନରେ ସମୁଦ୍ରକୂଳରେ କୀର୍ତ୍ତନ କରି ଡଙ୍ଗା ଭସାଇଥିଲେ। କିଆଗଡ଼ିଆ ରାଧାକୃଷ୍ଣ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ଚନ୍ଦନେଶ୍ୱର ମହାଦେବ ଓ ଅନ୍ୟାନ୍ୟ ଶୈବପୀଠରେ ଭକ୍ତମାନେ ମଧ୍ୟ ଭିଡ ଜମାଇ ପୂଜାର୍ଚ୍ଚନା କରିଥିଲେ। ଜଳେଶ୍ୱର ସାହିତ୍ୟ ସଂସ୍କୃତି ସଂସଦ ଓ ରାଜପୁର ଶିଖରପୁର ପଞ୍ଚାୟତର ଅଧିବାସୀ ପକ୍ଷରୁ ଶିଖରପୁର ନୌକାଘାଟ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ଚିନ୍ମୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ, ଆଇନ୍‌ଜୀବୀ ସତ୍ୟସୁନ୍ଦର ଦାସ, ସମାଜସେବୀ କମଳ ଚକ୍ରବର୍ତ୍ତୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏକ ସୁସଜ୍ଜିତ ବୋଇତକୁ ମହିଳାମାନେ ବନ୍ଦାପନା କରି ସେଥିରେ ଜଳଯାତ୍ରାରେ ବାହାରିଥିବା ୭ ସାଧବ ପୁଅ ଓ ୭ ସାଧବ ବୋହୂଙ୍କୁ ବିଦାୟ ଦେଇଥିଲେ। ସେଠାରେ ଏହି ଉତ୍ସବ ୪ ଦିନଧରି ଚାଲିବ। ନାମ ସଙ୍କୀର୍ତ୍ତନ ପରିବେଶ ଉତ୍ସବମୁଖର କରିଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରେମୁଣା ଅଞ୍ଚଳର ନଦୀ ପୋଖରୀରେ ଲୋକେ ଡଙ୍ଗା ଭସାଇବା ସହ ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର, ଗାର୍ଗେଶ୍ୱର, ଭୀମେଶ୍ୱର ଓ ରାମେଶ୍ୱର ମହାଦେବଙ୍କ ପୀଠ, ପୌରାଣିକ ତଥା ଐତିହାସିକ ସପ୍ତଶରା ନଦୀ ଏବଂ କୂଟ ପୋଖରୀ ତୁଠରେ ଶ୍ରଦ୍ଧାଳୁ ଡଙ୍ଗା ଭସାଇବା ପରେ ଦିଅଁ ଦର୍ଶନ କରିଥିଲେ। ଏଥିଲାଗି ବିଭିନ୍ନ ସ୍ଥାନରେ ଭଜନ କୀର୍ତ୍ତନ କରାଯାଇଥିଲା। ସୋରରେ କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଶୈବପୀଠ ପୋଖରୀରେ ସୁଲ୍‌ପ ଡଙ୍ଗା ଭସାଇ ମନ୍ଦିରରେ ଲୋକେ ପୂଜାର୍ଚ୍ଚନା କରିଥିଲେ। ଭଜନ, କୀର୍ତ୍ତନ, ପ୍ରବଚନ ସାଙ୍ଗକୁ ମେଲୋଡ଼ି ପରିବେଷଣ କରାଯାଇଥିଲା। କ୍ଷେମେଶ୍ୱର ମନ୍ଦିର, ବଡ଼ଖୁରୀ କାମେଶ୍ୱର ମନ୍ଦିର, ଅମରପୁର ମହାଦେବ ମନ୍ଦିର, ଥାନା ପରିସରରେ ଥିବା ମଣି ମନ୍ଦିର ଆଦି ସ୍ଥାନରେ ଅନୁରୂପ ଭିଡ଼ ହୋଇଥିଲା। ଖଇରା ବ୍ଲକର ମନ୍ଦିରମାଳିନୀ ବଜାର ଗଣ୍ଡିବେଡରେ ଅନୁରୂପ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଶ୍ରଦ୍ଧାଳୁମାନେ ବିଭିନ୍ନ ନଦୀ ଓ ପୋଖରୀରେ ବୁଡ ପକାଇ ଡଙ୍ଗା ଭସାଇବା ପରେ ବାବା ଲଙ୍କେଶ୍ୱରଙ୍କ ସମେତ ବିଭିନ୍ନ ମନ୍ଦିରକୁ ଯାଇ ଦିଅଁ ଦର୍ଶନ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୧୯ Balasore, Thursday, November 14/2019

# ନୀଳଗିରି ମୁହାଁ ୪୫ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ

## ବନ ବିଭାଗ ପକ୍ଷରୁ ସୌରବାଡ଼ ଓ ଟ୍ରେଞ୍ଚକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ଉଦ୍ୟମ

ସଜନାଗଡ଼,୧୩।୧୧(ଡି.ଏନ.ଏ.)

ବୁଲ୍‌ବୁଲ୍ ବାତ୍ୟା ବିପର୍ଯ୍ୟୟ ପରେ ୪୫ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ପଡ଼ୋଶୀ ପଶ୍ଚିମବଙ୍ଗ ଦେଇ ବାଲେଶ୍ୱର ଜିଲା ନୀଳଗିରି ବନାଞ୍ଚଳକୁ ମାଡ଼ି ଆସୁଥିବା ସୂଚନା ମିଳିଛି। ଏହି ହାତୀପଲ ସେମାନଙ୍କ ଚଳାପଥ ଦେଇ ପ୍ରତିବର୍ଷ ଓଡ଼ିଶା ସୀମା ପାରି ହୋଇ ମୟୂରଭଞ୍ଜ ଦେଇ ନୀଳଗିରି ବନାଞ୍ଚଳକୁ ଆସି ପୁଣି ଫେରିଯାଇଥାନ୍ତି। ସେମାନେ ଯିବା ଆସିବା କରିବା ସମୟରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଧାନ ସମେତ ଅନ୍ୟ ଫସଲ ଉଜାଡି ଦେଇଥାନ୍ତି। ୨୦୧୦ରୁ ଏହି ଝାଡ଼ଖଣ୍ଡ ହାତୀପଲ ବର୍ଷରେ ଏକାଧିକ ବାର ନୀଳଗିରି ବନାଞ୍ଚଳକୁ ଯାତାୟାତ କରରି ଆସୁଛନ୍ତି। ଅଳ୍ପ ଦିନ ବ୍ୟବଧାନରେ ହାତୀପଲ ପୁଣି ଆସୁଥିବା ଜାଣଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ବୁଲବୁଲ ବାତ୍ୟା ଦାଉରୁ ଯାହାକିଛି ଫସଲ ବର୍ତ୍ତିଥିଲା, ତାହା ପୁଣି ନଷ୍ଟ ହୋଇ ଯାଇ ପାରେ ବୋଲି ଏହି ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି।

ବନ ବିଭାଗ ସୂତ୍ରରୁ ଜଣାଯାଇଛି ଯେ, ଝାଡଖଣ୍ଡ ହାତୀବଲ ଏବେ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ନଡ଼ପୁର ଜଙ୍ଗଲରେ ପହଞ୍ଚି ସେଠାରେ ଉପଦ୍ରବ ଚଳାଇଛନ୍ତି। ଗୁରୁବାର ଭୋର୍ ଭୋର୍ ସେମାନେ ନୀଳଗିରି ବନାଞ୍ଚଳକୁ ପ୍ରବେଶ କରିବାର ଯଥେଷ୍ଟ ଅଶଙ୍କା ରହିଛି। ଏବେ ନୀଳଗିରି ଅଞ୍ଚଳରେ ଧାନକ୍ଷେତରେ କେତେକାଂଶରେ ଧାନ ପାଚିଥିବାବେଳେ ଅନ୍ୟ କେତେକ ଜମିରେ ଧାନ ଅଧା ପାଚିଲା ଅବସ୍ଥାରେ ରହିଛି। ତେବେ ହାତୀପଲକୁ ନିୟନ୍ତ୍ରଣ କରି ଫସଲହାନିରୁ ଚାଷୀକୁ ରକ୍ଷା କରିବା ଲାଗି ବନାଞ୍ଚଳବାସୀ ଦାବି କରିଛନ୍ତି। ହାତୀ ପଲ ନୀଳଗିରି ମୁହାଁ ହେବା ସୂଚନାକୁ ଆଧାର କରି ଏବେ ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ ଏବଂ କୁଲଡିହା ରେଞ୍ଜର ବିଜୟ ମହାପାତ୍ର ତତ୍ପରତା ପ୍ରକାଶ କରଛନ୍ତି। ଏ ସମ୍ପର୍କରେ ନୀଳଗିରି ରେଞ୍ଜର ବାରିକ କହିଛନ୍ତି, ହାତୀ ଚଳପ୍ରଚଳ କରୁଥିବା ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ସୌରବାଡ଼ ଓ ଟ୍ରେଞ୍ଚକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରାଯିବାକୁ ଉଦ୍ୟମ ଚାଲିଛି। ହାତୀପଲ ଯେପରି ଜନବସତି ମୁହାଁ ନ ହେବେ ସେଥିପ୍ରତି ଲକ୍ଷ୍ୟ ରଖାଯାଇ ହାତୀଙ୍କ ସୁରକ୍ଷା ଲାଗି ବନ ବିଭାଗ ସଜାଗ ରହିଥିବାର ସେ କହିଛନ୍ତି।

# ମହିଳାଙ୍କୁ ଗଣ ବଳାତ୍କାର ଘଟଣା, ୨ଗିରଫ

ବାଙ୍ଗିରିପୋଷି,୧୩।୧୧(ଡି.ଏନ୍.ଏ.)

ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗତ ୧୧ ତାରିଖରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାନସିଂ ମହାକୁଡ ଓ କରାନ ମୁର୍ମୁ। ଏଥିନେଇ ଥାନାରେ ଏକ ମାମଲା (ନଂ.୧୩୯/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ ଚାଲିଥିବା ପୂଜା ଦେଖି ପୀଡିତାଙ୍କ ସ୍ୱାମୀ ଓ ପୁଅ ପଡ଼ୋଶୀଙ୍କ ଘରେ ଶୋଇ ପଡ଼ିଥିଲେ। ମହିଳା ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ରାତିରେ ଅଭିଯୁକ୍ତ ଦ୍ୱୟ ଘରର କବାଟ ଭାଙ୍ଗି ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନା ଅଧିକାରୀ ଚନ୍ଦନ ଘଡାଇ ଅଭିଯୁକ୍ତ ଦ୍ୱୟଙ୍କ ଡାକ୍ତରୀମାଇନା କରାଇଛନ୍ତି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।




# ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ, ଭାଙ୍ଗିଲେ ଘର



ହାତୀ ଭାଙ୍ଗି ଦେଇଥିବା ଘର।

ଜଳେଶ୍ୱର,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ବାରମ୍ବାର ହାତୀପଲ ଉପଦ୍ରବ କରୁଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗତ ମଙ୍ଗଳବାର ରାତିରେ ୧୮ରୁ ଊର୍ଦ୍ଧ୍ୱ ହାତୀ ଶ୍ୟାମନଗର ପଞ୍ଚାୟତର ଧାନଘେରା ଗ୍ରାମରେ ପ୍ରବେଶ କରି ବି କ୍ଷତି ଗଯାଇଛନ୍ତି। ସେମାନେ ଏହି ଗ୍ରାମର ସୁରଜ ହେମ୍ବରମଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ବୁଧବାର ନିକଟସ୍ଥ ଜଙ୍ଗଲରେ ହାତୀପଲ ରହିଥିବାରୁ ଆଖପାଖ ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ରହିଥବବା କହିଛନ୍ତି। ଚଳିତବର୍ଷ ଶିମିଳିପାଳ ଓ ଝାଡ଼ଖଣ୍ଡ ଅଞ୍ଚଳର ହାତୀ ଶ୍ୟାମନଗର, ରାଇବଣିଆ, କାଳିକ, ବରଡ଼ିହା, କଳମା, ଖୁଆଡ଼ ଆଦି ପଞ୍ଚାୟତ ଓ ତାର ଆଖପାଖ ଅଞ୍ଚଳରେ ବାରମ୍ବାର ପଶି ଘରଦ୍ୱାର ଭାଙ୍ଗି ଚାଷ ନଷ୍ଟ କରି ଆସୁଛନ୍ତି। ସେହିପରି ସୀମାନ୍ତ ପଶ୍ଚିମବଙ୍ଗର ମେଦିନିପୁର, ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ବନକର୍ମଚାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ହାତୀପଲ ବାରମ୍ବାର ଏହି ଅଞ୍ଚଳରେ ପ୍ରବେଶ କରୁଥିବା ଗ୍ରାମବାସୀ କହିଛନ୍ତି। ଦିନରେ ହାତୀପଲ ଏଠାକାର ରଙ୍ଗାମାଟିଆ ଓ ଆଖପାଖ ଜଙ୍ଗଲରେ ରହି ରାତି ଗ୍ରାମ ମଧ୍ୟକୁ ପ୍ରବେଶ କରି କ୍ଷତି ଘଟାଇ ଚାଲିଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବାରେ ସଫଳ ନ ହେବା ଲୋକଙ୍କ ଚିନ୍ତା ବଢାଇଛି। ଏହି ସମସ୍ୟାର ପ୍ରତିକାର ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ନେଲା ଚାଷୀଙ୍କ ଜୀବନ

ବାସୁଦେବପୁର/ପଦ୍ମପୁର,୧୩।୧୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ରାଧାବଲ୍ଲଭପୁର ଗ୍ରାମର ପ୍ରହ୍ଲାଦ ଜେନା ନାମକ ଚାଷୀଙ୍କର ବୁଧବାର ପୂର୍ବାହ୍ନରେ ଧାନବିଲରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ବିଲରେ ଧାନ ପାଣିରେ ଶୋଇ ରହିଥିବା ବେଳେ ପ୍ରହ୍ଲାଦ ଏକ ବାଡ଼ି ଦ୍ୱାରା ଧାନଗଛକୁ ସିଧା କରି କିଆରିରୁ ପାଣି ନିଷ୍କାସନ କରୁଥିଲେ। ଏହି ସମୟରେ ତାଙ୍କ ବିଲ ଉପରେ ଦେଇ ଯାଇଥିବା ବିଦ୍ୟୁତ୍ ତାରରେ ଅସାବଧାନତାବଶତଃ ଓଦା ବାଡ଼ିଟି ଲାଗିଯିବାରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୮/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

### ଟ୍ରେନ୍‌ରୁ ପଡ଼ି ଯାତ୍ରୀଙ୍କ ମୃତ୍ୟୁ

ଜଳେଶ୍ୱର,୧୩।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଷ୍ଟେଶନର ୩ନଂ. ପ୍ଲାଟଫର୍ମ ନିକଟରେ ଜଣେ ଅଜଣା ଯାତ୍ରୀ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ବୁଧବାର ସକାଳ ଜଳେଶ୍ୱର-ହାଉଡ଼ା ପେସେଞ୍ଜର ଟ୍ରେନ୍ ଛାଡ଼ିବା ସମୟରେ ଲୋକଟି ଟ୍ରେନ୍‌କୁ ଉଠିବା ବେଳେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ରେଳବାଇ ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲକୁ ପଠାଇଛି। ମୃତକଙ୍କର କୌଣସି ପରିଚୟ ମିଳିପାରି ନାହିଁ।

### କାନ୍ଥ ପଡ଼ି ଜଣେ ଗୁରୁତର

ପଦ୍ମପୁର, ୧୩।୧୧ (ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତ ଗଦେଇବିନ୍ଧା ଗ୍ରାମରେ କାନ୍ଥ ପଡ଼ି ସୁବାସ ଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ସେ ତାଙ୍କ ଘରେ ଥିବାବେଳେ ହଠାତ୍ କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବୋମା ବିସ୍ଫୋରଣରେ ଜଣେ ଗୁରୁତର

ବନ୍ତ,୧୩।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ଟିଲୋ ତାଳପଦା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେକ ଯୁବକଙ୍କ ବୋମା ବିସ୍ଫୋରଣରେ ଜଣେ ବ୍ୟକ୍ତି ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଆହତ ହୋଇଥିବା ବ୍ୟକ୍ତିଙ୍କ ପୁଅ ମନୋଜ କୁମାର ନାୟକଙ୍କ ଅଭିଯୋଗ କ୍ରମେ ବନ୍ତ ଥାନା ପୋଲିସ ଏକ ମାମଲା (ନଂ.୧୪୨/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ବୁଧବାର ମଧ୍ୟାହ୍ନରେ ଏହି ଘଟଣାରେ ସମ୍ପୃକ୍ତ ଯୁବକ ଟିକିଟିରା ଗ୍ରାମର ପ୍ରକାଶ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମନୋଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ରାତି ପ୍ରାୟ ୧୨ଟା ବେଳେ କେତେକ ଯୁବକ ତାଙ୍କ ଘର ସମ୍ମୁଖରେ ବୋମା ଫୁଟାଇଥିଲେ। ତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ସେମାନଙ୍କୁ ବିରୋଧ କରିଥିଲେ। ସେମାନେ ପୁଣି ରାତି ପ୍ରାୟ ୨ଟା ବେଳେ ଆସି ଘର ଆଗରେ ବୋମା ଫୁଟାଇବାରୁ ତାଙ୍କ ବାପା ଗୁରୁତର ହୋଇଛନ୍ତି। ପ୍ରଥମେ ତାଙ୍କୁ ବନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଜମା ଟଙ୍କା ମାଗିବାରୁ ମହିଳାଙ୍କୁ ଦୁର୍ବ୍ୟବହାର

ବନ୍ତ,୧୩।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବସନ୍ତିଆ ସବ୍‌ପୋଷ୍ଟ ଅଫିସ କର୍ମଚାରୀ ତଥା ଆପଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳର କେତେଜଣ ମହିଳା ନିଜର ଜମା ଟଙ୍କା ମାଗିବାରୁ ସେମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବନ୍ତ ଥାନାରେ ଏକ ମାମଲା(ନଂ.୧୪୧/୧୯) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ କର୍ମଚାରୀ ଡାକ ବିଭାଗରେ କାର୍ଯ୍ୟ କରୁଥିବାବେଳେ ୨୦୧୧ରେ ସେହି ମହିଳାମାନେ ପୋଷ୍ଟ ଅଫିସରେ ଆର୍‌ଡି ଏବଂ ଫିକ୍ସଡ୍ ଡିପୋଜିଟ୍ କରିବା ପାଇଁ ଚାହିଁଥିଲେ। ସମ୍ପୃକ୍ତ କର୍ମଚାରୀ ସେମାନଙ୍କୁ ନାନାଦି ପ୍ରଲୋଭନ ଦେଖାଇ ଅନ୍ୟ ଏକ ଘରୋଇ କମ୍ପାନୀରେ ଡିପୋଜିଟ୍ କରାଇଥିଲେ। ଉକ୍ତ ପଲିସଗୁଡ଼ିକର ମାଚ୍ୟୁରିଟି ହେବା ପରେ ମହିଳାମାନେ ଟଙ୍କା ମାଗିବାରୁ ସେ ବାରମ୍ବାର ସେମାନଙ୍କୁ ଫେରାଇ ଦେଇଥିଲେ। ଗତ ୮ ତାରିଖରେ ମହିଳାମାନେ ଡାକ କର୍ମଚାରୀଙ୍କ ଘରକୁ ଯାଇ ଟଙ୍କା ମାଗିବାରୁ ସେ ଏବଂ ତାଙ୍କ ପୁଅମାନେ ଦୁର୍ବ୍ୟବହାର କରିଥିବା ଦର୍ଶାଯାଇଛି।

# ପଞ୍ଚଲିଙ୍ଗେଶ୍ୱରରେ ପର୍ଯ୍ୟଟକଙ୍କଠାରୁ ଟଙ୍କା ଲୁଟ୍, ୨ ଅଟକ

ସଜନାଗଡ଼,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ବୁଲି ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକ୍ରମଣ ଓ ଲୁଟ୍ କରିବା ଭଳି ଘଟଣା ଦିନକୁଦିନ ବଢ଼ିଚାଲିଛି। ବୁଧବାର ଜନୈକ ପର୍ଯ୍ୟଟକଙ୍କଠାରୁ ୧୦ ହଜାର ଟଙ୍କା ଲୁଟି ନିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ମଦନମୋହନ ସାହୁ ଓ ମମତା ଦେଉରୀ ବୁଧବାର ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ବୁଲିବାକୁ ଆସିଥିଲେ। ସେମାନେ ଠାକୁର ଦର୍ଶନ ସାରି ଫେରୁଥିବାବେଳେ ଜୋତା ଷ୍ଟାଣ୍ଡଠାରେ କେତେକ ଯୁବକ ମହିଳା ପର୍ଯ୍ୟଟକ ମମତାଙ୍କୁ ଗାଳିଗୁଲଜ କରି ତାଙ୍କ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ବ୍ୟାଗ୍ ଭିତରେ ୧୦ ହଜାର ଟଙ୍କା ଥିଲା ବୋଲି ମଦନମୋହନ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସବ୍‌ଇନ୍‌ସପେକ୍ଟର ବାସୁଦେବ ଜୟସିଂହ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଧରି ଆଣି ଥାନାରେ ପଚରାଉଚରା ଜାରି ରଖିଛନ୍ତି। ଏନେଇ ନୀଳଗିରି ଥାନାରେ ଦଫା ୩୯୨ ଆଇପିସିରେ ଏକ ମାମଲା (ନଂ. ୨୮୯/୧୯) ରୁଜୁ ହୋଇଥିବା ପୋଲିସ କହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ